
ମଇ ୨୦୧୮
ମୂଲ୍ୟ : ୨୫ ଟଙ୍କା
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE





***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଚତୁର୍ଥ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-4, May 2018, Issue No. II
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



**Declaration**
**Edited, Published & Owned by :**
**Dr. Bibhudatta Khandayatray**



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...

ପ୍ରବନ୍ଧ


- **ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ମିଳନପର୍ବ- ରଜ ପର୍ବ**
  ଶ୍ରୀ କୁଞ୍ଜବିହାରୀ ସାହୁ ୦୭


ଗଳ୍ପ


- **ହେ ଫଗୁଣ ତୁମେ ଗଲା ପରେ ପରେ**
  ନିଶିକାନ୍ତ ପାଢୀ ୧୩
- **ଅମୃତ ଧାରା**
  ଗୀତାଞ୍ଜଳୀ ନାୟକ ୧୬
- **ଅଭିଶପ୍ତା**
  ଡଃ. ନିରୋଦ କୁମାର ମନ୍ତ୍ରୀ ୨୨
- **ଭଙ୍ଗାଘର ଅଭଙ୍ଗା ମନ**
  ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର ୨୫
- **ମନ ବୁଝେ ମନର କଥା**
  ସୁପ୍ରିୟା ସାହୁ ୨୭
- **ଅଦେଖା ସ୍ୱପ୍ନ**
  ସୌଦାମିନୀ ଦାସ ୨୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................
ଠିକଣା ................................................................ ପିନ୍‌କୋର୍ଡ଼ ....................................
ମୋବାଇଲ୍ ନମ୍ବର ............................................. ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର..................................... ତାରିଖ..........................................................
ବ୍ୟାଙ୍କ୍............................................... ସ୍ଥାନ..........................................................
ତାରିଖ............................................ ଦସ୍ତଖତ......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheevoice.in

# ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ମିଳନପର୍ବ- ରଜ ପର୍ବ

- ଶ୍ରୀ କୁଞ୍ଜବିହାରୀ ସାହୁ

ରୁଦ୍ର ସନ୍ୟାସୀ ଗ୍ରୀଷ୍ମ ମାଟି-ମା ଛାତିରେ ଭରିଦେଇଛି ରୁକ୍ଷତା-ଅସହାୟତାର ଦୀର୍ଘଶ୍ୱାସ । ଜ୍ୟେଷ୍ଠର ତେଜୋଦୀପ୍ତ ଝାଞ୍ଜି ଖରା ମନ-ପ୍ରାଣରେ ଦୁର୍ଦ୍ଦାମ ଆବେଗ ପ୍ରକଟିତ କରୁଛି । ସହର ତଥା ପଲ୍ଲୀ ଜୀବନକୁ ନିରୁତ୍ସାହିତ କରୁଛି ଅକ୍ଳେଶରେ । ବାହାରେ ଖାଁ..ଖାଁ ର ମାନଚିତ୍ର । ଫଟାମାଟିର ନିରବ ଆର୍ତ୍ତ ଚିତ୍କାର ।

ମାଟି-ମା ଖୋଜୁଛି ବର୍ଷାର ନିବିଡ଼ ଆତ୍ମୀୟତା । ଅପଲକ ନୟନରେ ଚାହିଁ ବସିଛି ମେଘ ବତୁରା ଆକାଶକୁ । ଗ୍ରୀଷ୍ମରଅସହ୍ୟ ତାତିରେ ଛଟପଟ ପ୍ରକୃତି । ନୀଳ ନୀରଦ କୋଳେ ଘନ ମେଘର ସମ୍ଭାଷଣ । ସେଥିପାଇଁ ନିଜର ନୀରସ ଦେହକୁ ଭିଜେଇବାପାଇଁ ଆଷାଢୁଆ ବର୍ଷାର ପହିଲି ପୁଲକକୁ ଅପେକ୍ଷା କରିବସିଛି ମାଟି-ମା । ଓଦା ହୋଇଯିବାର ମଧୁର ଲଗ୍ନକୁ ଅପଲକ ନୟନରେ ଅପେକ୍ଷା କରିଛି ସେ ।

ଜ୍ୟେଷ୍ଠ ମେଲାଣି ନେଉଛି ଆପଣା ବାଟରେ । ଆଷାଢ଼ ଆସୁଛି ମେଘ ପାଲିଙ୍କିରେ । ଦୋଳାୟିତ ହେଉଛି ଅନିଳ । ଧୂସରିତ ମାଟି-ମା ଶ୍ୟାମଳିତ ହେବାର ସ୍ୱପ୍ନ ଦେଖୁଛି । ସ୍ନିଗ୍ଧ ଶ୍ୟାମଳ ପରିବେଶ ଏବଂ ରଜୋବତୀ ହେବାର ବିମୁଗ୍ଧ ସ୍ୱପ୍ନରେ ବିଭୋର ହୋଇଯାଉଛି ମାଟି-ମା । ଆଷାଢ଼ର ପ୍ରଥମ ଦିନରେ ହିଁ ମାଟି-ମା ଆନନ୍ଦର ପ୍ରାଚୁର୍ଯ୍ୟରେ ସମ୍ମୋହିତ । ପଲ୍ଲୀ ହେଉ କି ସହର, ସବୁଠି ଚାଲିଛି କେବଳ ଆଦ୍ୟ ଆଷାଢ଼ର ଭାବବିହ୍ୱଳ ପଟୁଆର । ଓଦା ମାଟି, ଓଦା ମନ ଓ ଓଦା-ଓଦା ପ୍ରକୃତି ହୃଦୟ । ଓଃ କି ଶାନ୍ତି ! ବହୁବିଧ ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ପାର୍ବଣର ସାରସ୍ୱତ ଅନୁଭବ କେବଳ ଓଡ଼ିଶାରେ ହିଁ ଉପଲବ୍ଧ ହୋଇଥାଏ । ସଂସ୍କୃତି-ପରମ୍ପରାରେ ମଗ୍ନ ଉତ୍କଳୀୟମାନେ କର୍ମକ୍ଳାନ୍ତ, ଦୁଃଖ-ଦୈନ୍ୟକୁ ପରାହତ କରି ଆନନ୍ଦ-ଉଲ୍ଲାସର ସମ୍ମୋହନ ମନ୍ତ୍ରରେ ମନ୍ତ୍ରିତ ହୋଇ ସଂସ୍କୃତି-ପରମ୍ପରାକୁ ଆପଣେଇ ନିଅନ୍ତି । ବାରମାସରେ ତେର ପର୍ବର ମିଳନ ଭିତରେ ରଜପର୍ବର ମହାର୍ଘ ଉପସ୍ଥିତି ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ଓଡ଼ିଆ ସଂସ୍କୃତିର ଉଜ୍ଜ୍ୱଳ ଦୀପ୍ତି ପ୍ରକାଶ କରେ । ପହିଲି ରଜ, ରଜ ସଂକ୍ରାନ୍ତି, ଭୂଇଁ ଦହନ ଓ ବସୁମତୀ ସ୍ନାନ ର ମିଳିତ ଆବେଗରେ ରଜ ପର୍ବର ଅନନ୍ୟ ଆକର୍ଷଣ ସମସ୍ତଙ୍କୁ ଛୁଇଁଯାଉଛି ।

ରଜପର୍ବ କଥା ବଖାଣି ବସିଲେ ଦୋଳି ଖେଳର ନିଆରା ଅନୁଭବ ମନକୁ ପୁଲକିତ କରୁଛି । ଗାଁ ହେଉ କି ସହର ସବୁଠି ଚାଲେ ଦୋଳି ଖେଳର ଆସର ।

ଗାଆଁଠୁ ସହର ପୁଣି ସହରଠୁ ଗାଆଁ,
ହେ ମୋର ପ୍ରିୟ ବନ୍ଧୁ କଣେଇକି ଚାହାଁ ।
ତୋଟାମାଳ, ପାର୍କରେ ରଜ ଦୋଳି ଭିଡ଼
ବିହଗ ବି ଦୋଳି ଖେଳେ ଝୁଲାଇ ତା ନୀଡ଼ ।
ଜାତି-ଗୋତ୍ର, ଅଭିମାନ, ନାହିଁ ରାଗ-ରୁଷା,
ନିରିମଳ ମନ-ପ୍ରାଣ ଖୁସି ବେଶଭୂଷା ।

ପହିଲି ରଜରେ ସଜବାଜ । ସମସ୍ତେ ସୁନ୍ଦରୀ ପାଲଟିଯାଆନ୍ତି । ଧନୀ–ଗରିବର ତାରତମ୍ୟ ଏଡ଼ାଇ ଏକାଠି ହୁଅନ୍ତି କୁଆଁରୀ କନ୍ୟା ଓ ବୋହୂମାନେ । ପାରସ୍ପରିକ ଆନ୍ତରିକତା ସହଯୋଗ, ସହାନୁଭୂତିକୁ ଆପଣେଇ ନିଅନ୍ତି । ଚେନାଏ ହସ, ଆଞ୍ଜୁଳାଏ ଖୁସି ଓ ପୁଲକିତ ମନ ନେଇ ଦୋଳି ଖେଳରେ ଭାଗ ନିଅନ୍ତି । ଆଖିରେ ସ୍ୱପ୍ନର ଅଞ୍ଜନ । । ଆକାଶକୁ ଛୁଇଁବାର ନିବିଡ଼ ମୋହ । ଦୋଳିରେ ବସିବା ଓ ଦୋଳି ଝୁଲାଇବାରେ ସାଉଁଟି ଆଣନ୍ତି ନିଆରା ଖୁସି । କଅଁଳ ବୟସୀ ଯୁବତୀମାନେ ଆଖିର ଇସାରାରେ ନିଜ ନିଜର ମନପସନ୍ଦର ଯୁବକମାନଙ୍କୁ ଆକର୍ଷିତ କରିବାର ମୁଗ୍ଧ ପ୍ରୟାସ କରିଥାନ୍ତି ।

ରଜ ଦୋଳିର ଗୀତ ଶୁଭେ-
ବନସ୍ତେ ଡାକିଲା ଗଜ,

ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ
ଘେନି ନୂଆ ସଜବାଜ ।
ରଜ ଦୋଳି କଟକଟ
ମୋ ଭାଇ ମଥାରେ ସୁନା ମୁକୁଟ
ସୁନା ମୁକୁଟ ଲୋ
ଦିଶୁଥାଏ ଝଟଝଟ ।
..
ନୂଆ ଲୁଗା ପିନ୍ଧି ଭଳିଭଳିକା
କୁଆଁରୀ ଖେଳନ୍ତି ବୋହୂବୋହୂକା
ବରଷକ ପରେ ଆସିଛି ରଜ,
ଦୋଳି ଝୁଲା ତାର କେତେ ମଉଜ
ଯ..ଝୁଲି ଯା. ମେଘ ଛୁଇଁ ଯା..

ରଜ ପର୍ବକୁ ସାମ୍ନା କରିଥବା କବୀ ଡଃ ପ୍ରବୀଣା ପରିଡ଼ା ରଜ ମଉଜ କବିତା ରେ କହନ୍ତି-

ରଜରେ ରଜ
ବରଷକେ ଥରେ କେତେ ସଜବାଜ
ବାସେ ପିଠାପଣା ଖିରୀ ,
ମକର ବଉଳ ଡକାଡ଼କି ହେଲେ
ପଟା ଦୋଳି ଡାକେ ଥିରି ।
ଆମ୍ବ ତୋଟା ମେଳେ ଗହଳି ଜମିଛି
ଗୀତର ଲହରୀ ସୁରେ,
ରଙ୍ଗ ବେରଙ୍ଗର ପୋଷାକ ସାଥିରେ
ଖିଲିଖିଲି ହସ ଝରେ ।

ପିଲାଙ୍କ ମନୋଭାବକୁ ବିଶ୍ଳେଷଣ କରି ପହିଲି ରଜର ସଜବାଜକୁ ମନେ ପକାଇ ଶିଶୁ ସାହିତ୍ୟିକ ରଘୁନନ୍ଦନ ମହାପାତ୍ର ଆସିଛି ରଜ କବିତାରେ ଲେଖିଛନ୍ତି-

ଆଷାଢ଼ ଆକାଶେ ଦିଶିଲାଣି ମେଘ ବରଷାର ମୋତି ପଡ଼େ,
କଅଁଳିଆ ଦୁବ ଅନାବନା ଗଛ, ଉତାପ ମାଟିରୁ ଛାଡ଼େ ।
ରଜ ସଜବାଜ ହାଟ ବଜାରରେ ଦର ତ ଆକାଶ ଛୁଇଁଲା,
ନୂଆ ଫ୍ରକ୍ ଜାମା ଅଳତା ଟିକିଲି ଆଣିବାକୁ ଲକି କହିଲା ।


ak AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

ଦୋଳି ଖେଳ କଥା ଭାବିଲାବେଳକୁ କବି ଉଦୟନାଥ ଷଡଙ୍ଗୀଙ୍କ ଦୋଳି ଖେଳ କବିତାର ପଦୁଟିଏ ମନେ ପଡ଼ିଯାଏ-

ଦୋଳିରେ ଦୋଳି, ପବନ ଦୋଳି
ଦୋଳି ଖେଳିବା ଆସ,
ଗଛର ଡାଳେ ଦୋଳିଟି ଝୁଲେ
ତଳେ କଅଁଳ ଘାସ ।

କେତେବେଳେ ଦୋଳି ଖେଳୁ ଖେଳୁ ନୂଆବୋହୂ ମନ ଦୁଃଖରେ ନିଜ ପ୍ରିୟତମକୁ ପାଖରେ ନ ପାଇ ହତାଶାଭାବ ଦେଖାଇଲାବେଳକୁ ସୁନା ନଣନ୍ଦଟି ଗୀତଟିଏ ଗାଇଦିଏ -

କଟକଟ ହୁଏ ଦୋଳି
ଭାଉଜଙ୍କ ମନ ଯାଇଛି ଜଳି
ଯାଇଛି ଜଳି ଲୋ
ଭାଇ ବିଦେଶୁ ନଇଁଲେ ବୋଲି ।

ପ୍ରେମକୁ ପ୍ରତ୍ୟାଖ୍ୟାନ କଲେ କେତେ ଦୁଃଖ ଲାଗେ ସତରେ ! ଏ ଗୀତଟି ଶୁଣିଲେ ପଡ଼ିଯାଏ ଆପେ ଆପେ..

କଷି ଡାଳ ପଡେ ଖସି
ପୀରତି ଆଶାରେ ରହିଲି ଖସି
ରହିଁଲି ବସି ଲୋ
କଥା ନ କହିଲୁ ହସି ।
ତାଟିଆରେ ଭଜା ବଡ଼ି
ଯାଚିଲା ପୀରତି ଯାଉଛୁ ଛାଡ଼ି
ଯାଉଛୁ ଛାଡ଼ି ଲୋ
ପରେ ନ ହେବୁ ଝୁରି ।

ଦୋଳି ଖେଳରେ ପରମ୍ପରା ଆଦିବାସୀ ସମ୍ପ୍ରଦାୟରେ ବି ଅନୁଭବ କରିହୁଏ । କେଉଁଝର ଜିଲ୍ଲାର ଭୂୟାଁ, ଜୁଆଙ୍ଗ , ଭାତୁଡି ସମ୍ପ୍ରଦାୟରେ ଲୋକମାନେ ଚାରିଦିନ ଧରି ରଜ ପେରବକୁ ଉପଭୋଗ କରିଥାନ୍ତି । ପ୍ରଥମ ଦିନ ରଜବତୀ ଠାକୁରାଣୀଙ୍କୁ ପୂଜା କରି ଦୋଳି ପୂଜା କରିଥାନ୍ତି । ଏହା ପୂର୍ବରୁ ପ୍ରାୟ ଏକ ସପ୍ତାହର ଅଧିକ ଦିନ ଧରି ଜଙ୍ଗଲରୁ  କାଠ ସଂଗ୍ରହ କରିଥାନ୍ତି । ପଟା ଦୋଳି, ରାମ ଦୋଳି, ବାଉଁଶ ଦୋଳି ଏହିପରି ଚଉଦ ପ୍ରକାର ଦୋଳି ତିଆରି କରିଥାନ୍ତି । ଥଟ୍ଟା ତାମସାରେ ଦୋଳି ଖେଳି ଖେଳି ଗୀତ ଗାଆନ୍ତି । ଘରେ ପ୍ରସ୍ତୁତି ହୋଇଥବା ପିଠା ଖାଇ ମଜା ମଜଲିସ କରନ୍ତି । ପଂଚମ ଦିନ ଅର୍ଥାତ୍ ଶେଷ ଦିନରେ ରଜ ବାଟୋଇବା ପର୍ବ ପାଳନ କରି ରଜକୁ ହସି ହସି ବିଦାୟ ଦେଇଥାନ୍ତି ।

ସୁଆଦିଆ ପାନ ସେବନ ରଜପର୍ବର ଅନ୍ୟ ଏକ ଆକର୍ଷଣ । ସାଧାରଣ ପାନ ଦୋକାନରେ ବି ରଜ ପାନର ବିକ୍ରି ଚାଲେ । ଖରାଖଙ୍କ ଭିଡ ଜମେ ସେଇଠି । ପ୍ରତିଯୋଗିତା ବି ଚାଲେ ସୁଆଦିଆ ପାନର । ଦାମିକିଆ ପାନ ଖାଇବା ଓ ଖୁଆଇବାରେ ଉପଲବ୍ଧ ଆନନ୍ଦକୁ ସହଜରେ ବାରିହୋଇପଡ଼େ । ଲାଲ ଲାଲ ଓଠ, କଥା କହିବା ଶୈଳୀ ଭିତରେ ସହଜରେ ଅନୁମାନ କରିହୁଏ ରଜ ପାନର ମହାନତା । କଟାଗୁଆ, ସୁବାସିତ ଜା୍ରାନ କେଶର ଗୁଳ୍ପୁରାତି, ଲବଙ୍ଗ, ଖଇର ପ୍ରଭୃତି ସୁମିଷ୍ଟ ମସଲାରେ ମିଶ୍ରିତ ହୋଇଥିବା ତ୍ରିଭାଙ୍ଗ, ଚତୁଃଭାଙ୍ଗ, ଷଡଭାଙ୍ଗ, ଅଷ୍ଟଭାଙ୍ଗରେ ସଜ୍ଜିତ ରଜ ପରବର ପାନ ନିହାତି ନିଆରା । ନିଜେ ଖାଇ ଅନ୍ୟକୁ ଖୁଆଇ ଆନନ୍ଦ ନିଅନ୍ତି ଆବାଳ-ବୃଦ୍ଧ-ବନିତା । ପ୍ରେମର ପ୍ରତୀକ ପାନ ଗୋଲାପ ଫୁଲଠାରୁ ଆହୁରି ରମଣୀୟ ଦିଶେ ଏହି ରଜପର୍ବରେ ।

ବରିଷ୍ଠ ଶିଶୁ ସାହିତ୍ୟିକ ଡଃ କୃତିବାସ ନାୟକ ବନସ୍ତେ ଡାକିଲା ଗଜ କବିତାରେ ନିଜର ଅଭିବ୍ୟକ୍ତି ବାଢ଼ିଛନ୍ତି-

ଶାଢ଼ି ଆଣିଛନ୍ତି ଭାଇ
ପାନ ଭାଙ୍ଗିଛି ମୁଁ ଖଇର ଖାଇ
ଖଇର ଖାଇ ଗୋ
ମାଟି ରଙ୍ଗେଇବା ପାଇଁ ।
ତୋଟାରେ ଲାଗିଛି ଦୋଳି
ମକରକୁ ନେଇ ବୁଲେଇ ନେଲି
ବୁଲେଇ ନେଲି ଗୋ
ଗାଲେ ଥିଲା ପାନ ଖିଲି ।

ପ୍ରତ୍ୟେକ ପାନ ଦୋକାନରେ ଭିଡ ଲାଗିଯାଏ ଗ୍ରାହକ ମାନଙ୍କର ରଜ ପାନ କିଣି ଖାଇବାପାଇଁ । ଦାମିକା ସୁବସିତ ପାନ ଖାଇବାରେ ଏକ ଭିନ୍ନ ଆଗ୍ରହ ଥାଏ ମନରେ ।

ଅଦିନେ ମଲ୍ଲୀ ମହକ..କେ କଲା କୁହୁକ
ମୋତେ ଦେବ ଯିଏ ଯଉତୁକ
ପାନ ଖିଆ ସରକାର 'ଟା ରସିକ- ଚଳଚ୍ଚିତ୍ରର ଗୀତ ଶୁଣିଲା ବେଳକୁ ପାନ ଖିଆର ମହନୀୟତା ଉପଲବ୍ଧି କରିହୁଏ ।
ବ୍ୟଙ୍ଗ କବିତାରେ ନିଜ କୁ ହଜାଇ ଅନ୍ୟକୁ ମଜା ଦେଉଥିବା କବି ମନୋରଞ୍ଜନ ଦାସ ଲେଖନ୍ତି-
ପ୍ରୀତି ପ୍ରେମ ଆଉ ବନ୍ଧୁତାରେ ଯେ
ନିବିଡତା ଭରି ଦିଏ
ଆନ୍ତରିକତାର ମଧୁର ପରଶେ
ମନକୁ ଛୁଇଁ ଯାଏ
ଏମିତି ସେ ଏକ ଧନ,
ବିନା ସରମରେ ଦେଇ, ନେଇ, ଖାଇ
ଖୁଆଇ ବି ହୁଏ
ରସିକର ବୃନ୍ଦାବନ
ସେତ ରଜ ପରବର- ପାନ ।

କୁଆଁରୀ ଝିଅମାନେ ଦୋଳି ଖେଳ, ପୁଚି, ଲୁଡୁପାଲି, ତାସ, କ୍ୟାରାମ ଆଦି ଖେଳି ରଜ ପର୍ବକୁ ସରସ ସୁନ୍ଦର କରିଥାନ୍ତି । ଏଭଳି ଖେଳରେ ଥିବା ନିଆରା ଅନୁଭବକୁ ସାଉଁଟି ଆଣନ୍ତି । ସମସ୍ତେ ଯେମିତି ଗୋଟାପଣେ ନିଜର । ମନାନ୍ତର ଓ ମତାନ୍ତରର ଊର୍ଦ୍ଧ୍ୱରେ । ହସ ଗମାତ ଚାଲେ । କେତେବେଳେ ଯେ ସମୟ ବିତିଯାଏ, ଜଣାପଡ଼େନି ସହଜରେ । ପଲ୍ଲୀ ଗାଁ ପରି ସହରରେ ଏବେ ବି ଦୋଳି ଖେଳ, ପୁଚି ଖେଳର ଚାହିଦା ବ୍ୟାପକ ହୋଇପାରିଛି । ପାର୍କରେ ଅଥବା ଛୋଟଛୋଟ ଜାଙ୍ଗଲିକ ପରିବେଶରେ ଦୋଳି ଖେଳ ଓ ପୁଚି ଖେଳର ପ୍ରତିଯୋଗିତା ଚାଲୁଛି । ଏବଂ ନିଜର ପରମ୍ପରା ତଥା ନିଜର ଆନନ୍ଦ ଓ ଇଚ୍ଛାଶକ୍ତିକୁ ଜାହିର କରି ପ୍ରତିଯୋଗିତାରେ ଭାଗ ନେଇ ଉତ୍ସାହିତ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରୁଛନ୍ତି । ଡି.ଜେ ର ତାଳେ ତାଳେ ଓ ଗୀତର ସୁରେ ସୁରେ ପ୍ରତିଯୋଗୀମାନେ ନିଜକୁ ଖୁସିରେ ହଜାଇଦିଅନ୍ତି । ସମୟ କ୍ରମେ ଅଲକ୍ଷ୍ୟରେ ଦେଖାଣାହାରୀମାନେ ନିଜେ ନିଜେ ପ୍ରତିଯୋଗୀ ହୋଇଯାଆନ୍ତି । ଘରକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ବି ଖୁସି ମିଜାସରେ ଏଭଳି ଖେଳରେ ଭାଗ ନେଇ ନିଜକୁ ଗୌରବାନ୍ୱିତ ମନେ କରନ୍ତି ।

ଯୁବକମାନଙ୍କର ଡୁ..ଡୁ, କବାଡି..କବାଡି ଖେଳ ବି ରଜ ପର୍ବକୁ ରୋମାଞ୍ଚିତ କରିଥାଏ । ପାରସ୍ପରିକ ବୁଝାମଣାରେ ଜାତି-ଧର୍ମକୁ ପାସୋରି ନଈ ବାଲି ତଥା ଖେଳ ପଡ଼ିଆରେ ଯୁବକମାନେ ଖେଳରେ ଭାଗ ନେଇ ଭରପୂର ମଜା ଉଠାନ୍ତି । ଦେଖାଣାହାରୀ ବି ଘଡ଼ିଏ ଠିଆ ହୋଇ ବାଃ ..ବାଃ କରନ୍ତି । ତାଳି ମାରନ୍ତି । ସୁବିଧା ସୁଯୋଗକୁ ଉଣ୍ଡି ଖେଳରେ ଭାଗ ନିଅନ୍ତି । ସଭିଙ୍କ ମନରେ ଗୋଟିଏ ଭାବ-
ଆମେ ପରା ଓଡ଼ିଆ/ ଆମ ଗାଁ ବଢ଼ିଆ ।
ରଜ ପର୍ବ ଆମର/ ଆମେ ଏ ମାଟି କୁମର ।

ଓଡ଼ିଆର ଅନ୍ୟାନ୍ୟ ପର୍ବପର୍ବାଣିରେ ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତି ହେଲା ପରି ରଜପର୍ବରେ ମଧ୍ୟ କିସମ କିସମର ପିଠା ପ୍ରସ୍ତୁତି ହୋଇଥାଏ । ସେଥିରୁ ପୋଡ଼ପିଠାର ସ୍ୱାତନ୍ତ୍ର୍ୟ ରହିଛି । ଚାଉଳ, ଗହମ, ବିରି, ରାଶି, ନଡ଼ିଆ ଓ ଘିଅର ମଧୁର ସମ୍ମିଶ୍ରଣରେ ପୋଡ଼ପିଠାର ପ୍ରସ୍ତୁତି । କାଠଚୁଲିରେ ପ୍ରସ୍ତୁତ କରାଯାଇଥିବା ଏହି ପୋଡ଼ପିଠାର ସ୍ୱାଦ ଅନନ୍ୟ । ସେଥିରେ ମିଶିଥାଏ ନିବିଡ଼ ଭଲପାଇବା, ଅନୁରାଗ । ନିଜେ ଖାଇ ଅନ୍ୟକୁ ଖୁଆଇବାରେ ଆନନ୍ଦ ଥାଏ । ପୋଡ଼ପିଠା ଖାଇଲା ବେଳକୁ ଗାଁ ର ରୋଷେଇ ଘରଟି ଆଖି ଆଗରେ ନାଚି ଉଠେ ।

ଓଡ଼ିଶାର ଚର୍ଚ୍ଚିତ ଶିଶୁ ସାହିତ୍ୟିକ କବି ନନ୍ଦ କିଶୋର ସାମଲଙ୍କ ଚିର ସବୁଜମୟ କବିତା ପଦୁଟିଏ ମନେ ପଡ଼େ-

ଏଇଟି ଆମର ରୋଷେଇ ଘର
ଘର ଭିତରଟି ସଂସୁତର,
ଏଇଠାରେ ମାଆ ପରିବା କାଟେ,
ବେସର ବାଟେ
ଜାଇ ରଗଡ଼େ
ଶାଗ ଖରଡ଼େ,
ଗଢ଼ଇ ପିଠା
ଆରିଷା କାକରା ଆହା କି ମିଠା ।

ଗାଁ ରେ ଯେ କେବଳ ପିଠାର ଆଦର ରହିଛି ତା ନୁହେଁ, ସହରର ପ୍ରତ୍ୟେକ ଘରେ ଘରେ ପିଠା ପ୍ରସ୍ତୁତ କରାଯାଇ ଏକାଠି ପରିବାର ଲୋକେ ସେବନ କରନ୍ତି ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ପରଷିବା ସହ ସାଇପଡ଼ିଶାଙ୍କୁ ଭେଟି ଦିଅନ୍ତି । ଏଭଳି ଆତ୍ମୀୟତା ସାର୍ବଜନୀନ ହୋଇପଡ଼େ ।

ଲୋକ ଗୀତରେ ବି ଦୋଳି ଗୀତ ଓ ପିଠାର ଆଦର କହିଲେ ନ ସରେ ।

ରଜ ଦୋଳି ଖେଳ କୁମାରୀ ଗୀତ ଚକୁଳିରେ ପୁର ନଡିଆ
ଆରିସା, କାକରା, ମଣ୍ଡା ଗଇଁଠା ମୋ ଗାଇ କେତେ ବଢ଼ିଆ ।

ଶିଶୁସାହିତ୍ୟିକ କବି କୁଞ୍ଜବିହାରୀ ସାହୁଙ୍କ ରଜ ପିଠା କବିତାରେ ପିଠା ସହ ମାଆର ମମତାକୁ ତୁଳନା କରାଯାଇଛି, ଯେପରିକି-

ବୋଉ ବନେଇଛି ଆରିଷା କାକରା
ସୁଆଦିଆ ପୋଡପିଠା,
ସେନେହ-ଆଦର ଭରିଛି ସେଥିରେ
ଖାଇଲେ ଲାଗୁଛି ମିଠା ।
କୋଳେଇ କାଖେଇ ଖୁଆଏ ଆମକୁ
କଅଁଳ କଥାଟି କହି,
ତୁମରି ଓଠରେ ହସଟେ ଦେଖିଲେ
ଖୁସି ତ ହୋଇବି ମୁହିଁ ।

ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ରେ ବି ପୋଡ଼ପିଠାର ମହନୀୟତାକୁ ସୁନ୍ଦର ସାବଳୀଳ ଭଙ୍ଗୀରେ ଲିଖିତ ହୋଇଛି ।

ଲକ୍ଷ୍ମୀଙ୍କର ପାକ ପରି ଲାଗୁଛି କହ୍ନାଇ/
ଶେଷେ ପୋଡପିଠା ଦେଖି ଆଚମ୍ବିତ ହୋଇ ।

ରଜ ପର୍ବରେ କୁଆଁରୀମାନ ଭୂଇଁରେ ଚାଲିବା ନିଷେଧ ବୋଲି ଏବେ ବି ଲୋକ ପରମ୍ପରାରେ ରହିଆସିଛି । ଯଦିଓ ସାମ୍ପ୍ରତିକ କାଳରେ ଏହାର ତାରତମ୍ୟ ଘଟିଛି ତଥାପି ଲୋକଗୀତଟି ଶୁଣିଲେ ମନେ ପଡିଯାଉଛି ପରମ୍ପରା ଓ ସଂସ୍କୃତି ।

ରାଶିରୁ ଛାଡିଲା ଚୋପା
ପାଦୁରେ ନାଇଛୁ ଗୁଆ ଖୋଳପା
ଗୁଆ ଖୋଳପା ଲୋ
ମୁଣ୍ଡରେ ସିନ୍ଦୁର ଟୋପା ।

ରଜପର୍ବ ଏକ କୃଷିଭିତିକ ପର୍ବ । ରଜ ସଂକ୍ରାନ୍ତିରେ ମାଟି-ମା ରଜସ୍ୱଳା ହୁଏ । ରଜୋବତୀ ନାରୀକୁ  ଛୁଇଁବା ନିଷେଧ ପରି ରଜପର୍ବରେ ମାଟିକୁ କର୍ଷଣ କରିବା ନିଷେଧ । କୃଷିକାର୍ଯ୍ୟ ନିଷେଧ ହୋଇଥିବାରୁ କାଳିଆ କଷରା ବଳଦର ସଂପୂର୍ଣ୍ଣ ବିଶ୍ରାମର ଦିନ । ସେମାନଙ୍କର ପାଂଚଣକୁ ଡର ନଥାଏ । ଗୁହାଳ ଘରେ ଖାଇପିଇ ମସ୍ତି କରନ୍ତି ।  ପହିଲି ଆଷାଢ଼ର ବାରିପାତରେ ରଜୋବତୀ ମାଟି ଉତ୍ପାଦନକ୍ଷମ ହୋଇଥାଏ । । ଭୂମି ଦହନ ପର୍ବ ପରେ ବସୁମତୀ ସ୍ନାନ ପର୍ବ । ଧରାସ୍ନାନରେ ପ୍ରତ୍ୟୁଷରେ ପ୍ରତ୍ୟେକ ଘର ଅଗଣାରେ ଏକ କାଷ୍ଠ ଉପରେ ଲଙ୍ଗଳ ଲୁହା ସହିତ ଶିଳପୁଆ (ଭୂମି ଦେବୀର ପ୍ରତୀକ), ନଡ଼ିଆ ଇତ୍ୟାଦି ରଖି ହଳଦୀ ପାଣିରେ ସ୍ନାନ କରାଯାଏ । ବିଭିନ୍ନ ‘ୂଲ, ସିନ୍ଦୁର ଲଗାଯିବା ସହ ଋତୁ ଭିତିକ ‘ଳ ଅର୍ପଣ କରି ମହା ଲକ୍ଷ୍ମୀଙ୍କୁ କ୍ଷେତ ମଝିରେ ପୂଜାର୍ଚ୍ଚନା କରି ବିଶ୍ରାମ ଲଭିଥିବା କୃଷକ କୃଷି କାର୍ଯ୍ୟ ଆରମ୍ଭ କରେ । ଏ ପର୍ବରେ କୈାଣସି ଠାକୁର-ଠାକୁରାଣୀଙ୍କୁ ପୂଜା କରାଯାଏ ନାହିଁ ରଜସ୍ୱଳା ମାଟି-ମାଆକୁ ସମ୍ମାନ ଜଣାଇ । ନାରୀମାନେ ପୂଜା କରନ୍ତି ନାହିଁ । ତେଣୁ ଘରର ପୁରୁଷ ବ୍ୟକ୍ତି ହିଁ ପୂଜା କରିଥାନ୍ତି ।

ଚାଉଳ କୁଟିବା, ଶିଳରେ ବାଟିବା, କୂଅରୁ ପାଣି ବୋହିବା, ଖାଲି ପାଦରେ ମାଟିରେ ଚାଲିବା ମନା ପରି କେତୋଟି ନାସ୍ତିବାଚକ କାର୍ଯ୍ୟ ରଜ ପରମ୍ପରାର ଅନ୍ତର୍ଗତ । ଆଜି ବି ଘରର ଘରଣି ଓ କୁଆଁରୀ କନ୍ୟାମାନେ ପରମ୍ପରାକୁ ମାନି ଚଳିବାର ନଜିର ରହିଛି ।

ରଜ ପର୍ବ ମାଟିର ପର୍ବ । ମାଟିରେ ନୂଆ କରି ମହକ ଝରିବାର ପର୍ବ । ବରିଷ୍ଠ କବୀ ସରଳା ବେହେରା ମାଟିର ମହକ କବିତାରେ  ରଜ ପର୍ବ କୁ ସଂସ୍କୃତିରେ ସାମିଲ କରି ଲେଖିଛନ୍ତି –

ଆସିଛିରେ ରଜ ଆସିଛି
ବରଷକ ପରେ ଆସିଛି

କୁଆଁରୀ ମନରେ କଳପନା ଭରି
ନାଲିନାଲି ଓଠେ ହସୁଛି ।
ବରଷା ଆସେ ଥିରିଥିରି
ସବୁରି ମନେ ରଙ୍ଗ ଭରି
ମାଟିର ପରବ, ମାଟିର ଗରବ
ଆମରି ସଂସ୍କୃତି କହୁଛି ।
ଆସିଛିରେ ରଜ ଆସିଛି ।।

ଉତ୍କଳୀୟମାନେ ସଂସ୍କୃତି ପ୍ରିୟ । ନିଜ ପରମ୍ପରାକୁ ଜାବୁଡି ଧରିବାପାଇଁ ତତ୍ପର । କଂକ୍ରିଟ ରାସ୍ତାର ଆଗମନରେ ଗଛ-ବୃଛର ନିୟମିତ ପତନ ପରିବେଶକୁ ନଷ୍ଟ କରିଲେ ବି ବିଭିନ୍ନ ପାର୍କ, ଉଦ୍ୟାନ, ତୋଟାଗହଳ ଭିତରେ ଦୋଳି ଖେଳ ଚାଲିଛି । ଦୋଳି ଖେଳିବାକୁ ଉତ୍ସୁକ ବ୍ୟକ୍ତିମାନେ ଦୋଳି ଖେଳି ଖେଳି ଆତ୍ମ ସନ୍ତୋଷ ଲାଭ କରିଥାନ୍ତି । ହୋଟେଲ, ରେଷ୍ଟରାଂଟରେ ଭୁରି ଭୋଜନରେ ନିଜେ ନିଜେ ଆପ୍ୟାୟିତ ହେଲେ ବି ମନ ଭିତରେ ସଂସ୍କୃତିକୁ ମନେ ପକାନ୍ତି ଓ ଘରେ ତିଆରି ସୁସ୍ୱାଦୁ ପିଠାକୁ ଆଗ୍ରହ ସହକାରେ ଗ୍ରହଣ କରି ଆତ୍ମତୃପ୍ତି ଲାଭ କରନ୍ତି । ସମୟେ ସମୟେ ଦୁଃଖ ଲାଗେ ଯେ କେତେକ ମୁଷ୍ଟିମେୟ ଲୋକ ନିଜ ଜନ୍ମମାଟି ଓ ବାପା-ମାଅକୁ ପାସୋର କରିଦେବାକୁ ପଛାଉନାହାନ୍ତି । ସହରରେ ଚାକଚକ୍ୟରେ ନିଜକୁ ହଜାଇ ଗାଁ ମାଟିର ମମତାକୁ ଆଡେଇ ଦେଉଛନ୍ତି । ସହରୀ ମଣିଷ ପାଖରେ ନ ଥାଏ ସମୟ ରଜ ପର୍ବକୁ କୋଳେଇ ନେବାକୁ । ଉପରଠାଉରିଆ ଭଲପାଇବରେ ହିଁ ସାମୟିକ ଭାବେ ରଜ ପର୍ବକୁ ପାଳନ କରାଯାଏ । ଆଜିକାଲି ଯୁବକ / ଯୁବତୀ ବୈଷୟିକ ଶିକ୍ଷାରେ ପାରଦର୍ଶିତା ଲାଭ କରି ଦେଶ ଓ ଦେଶ ବାହାର କର୍ମକ୍ଷେତ୍ରରେ ନିୟୋଜିତ । ସେମାନେ କାହିଁକି ବୁଝିବେ ସଂସ୍କୃତି ଓ ପରମ୍ପରା ସାବଳୀଳ ଅର୍ଥ ! ବିମୁଖ ଓଡିଆଙ୍କୁ ପର୍ବ ବିଷୟରେ ଅବଗତ କରାଇବା ପାଇଁ ମିଡିଆରେ ଅନେକ ପ୍ରକାରର କାର୍ଯ୍ୟକ୍ରମ ଚାଲଛି ଯାହାକି ଓଡିଆ ସଂସ୍କୃତପ୍ରତି ଗଭୀର ସମ୍ମାନ ।

ରଜପର୍ବ ଏମିତି ଏକ ପର୍ବ ଯେଉଁଥିରେ ଆବାଳ-ବୃଦ୍ଧ-ବନିତା ସ୍ୱକୀୟ ପ୍ରତିଭା ପ୍ରଦର୍ଶନ କରିବା ସହ ସଂସ୍କୃତି-ପରମ୍ପରାକୁ ସମୃଦ୍ଧ କରିବାରେ ଚେଷ୍ଟିତ ହୁଅନ୍ତି । ଏହି ପର୍ବରେ ନାଚ,ଗୀତ, ଦୋଳି, ପୁଚି, ତାସ୍-ଲୁଡୁପାଲି, ଡୁ..ଦୁ..କବାଡି ଏପରିକି ନାଟ ମଣ୍ଡପରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ହସ-ଖୁସି, ଆନନ୍ଦ-ଉଲ୍ଲାସ, ଚିତ ବିନୋଦନ, ବନ୍ଧୁମିଳନ ପରି ସଂସ୍କୃତି ସମ୍ପନ୍ନ କାର୍ଯ୍ୟସୂଚୀ ଚାଲିଥାଏ ଯାହାକି ଅନ୍ୟ କୌଣସି ପର୍ବପର୍ବାଣିରେ ଦେଖିବାକୁ ମିଳେ ନାହିଁ । ଅନ୍ୟାନ୍ୟ ପର୍ବ ଗୋଟିଏ ଦିନରେ ସୀମିତ ଥିଲା ବେଳେ ରଜ ପର୍ବ ଚାରିଦିନ ଓ ସ୍ଥାନ ବିଶେଷରେ ଅଧିକା ଦିନ ପର୍ଯ୍ୟନ୍ତ ପାଳିତ ହୋଇଥାଏ । ଆଧୁନିକ ସଭ୍ୟତା ଯେତେଦୂର ଅଗ୍ରସର ହେଲେ ବି ପୁରୁଣା ସଂସ୍କୃତି ଓ ପରମ୍ପରା ଏବେ ବି ବଂଚି ରହିଛି ଉତ୍କଳୀୟମାନଙ୍କ ପାଖରେ । ଏହି ପର୍ବ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ । ତେଣୁ ଏହା ଗଣ ପର୍ବର ଆଖ୍ୟା ବହନ କରିପାରିଛି ।

ଜାତିଗତ ବା ଧର୍ମଗତ ମନୋଭାବ, ସାମ୍ପ୍ରଦାୟିକତା, ମାନସିକ ଅସନ୍ତୁଳନ ସବୁ କିଛି ହାର ମାନିଯାଇଛି ଏହି ରଜପର୍ବରେ । କେବଳ ବ୍ୟାପକ ହୋଇଯାଇଛି ଆତ୍ମିକ ଭାବନା, ଭାଇଚାରା ଓ ସଂହତି । ଗାଁଉଲି ମଜା-ମଜଲିସ, ଲୋକ ଗୀତ, ଲୋକ କଥା, ଆମୋଦଦାୟକ ଖେଳ ତଥା ମନୋରଞ୍ଜନ କାର୍ଯ୍ୟକ୍ରମର ମଧୁର ସମାରୋହରେ ପ୍ଲାବିତ ହୋଇପାରିଛି ରଜପର୍ବ । କେଉଁ ଆବହମାନ କାଳରୁ ରଜ ଦୋଳି ଗୀତ ଓଡ଼ିଆ ସଂସ୍କୃତି ସହିତ ଯୋଗ ହୋଇଛି, ତାହାର ଇତିହାସ ନାହିଁ । ବନସ୍ତେ ଡାକିଲା ଗଜ ର ସୁଲଳିତ ଗୀତ ରଜ ପର୍ବର ଆରମ୍ଭକୁ ସୂଚେଇ ଦେଲା ବେଳକୁ ପିଠାଖାଇବା, ଦୋଳି ଖେଳିବା, ନାଚ-ଗୀତରେ ମସ୍‌ଗୁଲ ହେବା, ପାରମ୍ପରିକ ଝୋଟି-ଚିତା ଅଙ୍କନ କରି ଓଡ଼ିଆଣି ବୋଲି ନିଜକୁ ପରିଚିତି କରିବା ରଜପର୍ବକୁ ଆହୁରି ରସାଣିତ କରିପାରୁଛି । ସଂସ୍କୃତି ଓ ପରମ୍ପରାର ଏକ ମିଳନ ପର୍ବ ସମସ୍ତଙ୍କୁ ବାନ୍ଧିରଖିପାରିଛି ।

**ଏଲ୍.ଆଇ.ଜି-୧୫** ନୟାପଲ୍ଲୀ ଷ୍ଟ୍ରୀଟ୍ କଲୋନୀ,
ଭୁବନେଶ୍ୱର ୭୫୧୦୧୨ (୯୪୩୭୯୨୯୮୭୯)

# ହେ ଫଗୁଣ ତୁମେ ଗଲା ପରେ ପରେ

ନିଶିକାନ୍ତ ପାଢୀ (ଯୁବ ଗାଳ୍ପିକ-ସାମ୍ବାଦିକ)

ଚକୋଲେଟ୍ ରଙ୍ଗର କୋଠା । ନୀଳରଙ୍ଗ ବୋଳା ବାଲକୋନି ଭିତରେ ପଡିଛି ଗୋଟିଏ କାଠର ଆରାମ ଚେୟାର । ଚେୟାର ଉପରେ ବସିଛନ୍ତି କଦମ୍ବ । ଦୂର ଦିଗବଳୟରୁ ଦୃଶ୍ୟମାନ ହେଉଛି ଆକାଶ ଆଉ ମାଟିର ଚୁମ୍ବନ । କବିତା ଗାଉଛନ୍ତି ଦୂରତାଳ ବଣ, ଉଡିଯାଉଥିବା ପକ୍ଷୀ ଆଉ ଫେରଣୀ ପବନଟା ସାଉଁଟି ନେଉଛି ଦେହଟାକୁ । କେତେବେଳୁ ବସିଲେଣି ବୋଧେ । ଅସ୍ତାଚଳଗାମୀ ରବି ଲୁଚିଗଲେଣି ଦୂରଦିଗବଳୟ ତଳେ । ନିକଟ ମସ୍‌ଜିଦରୁ ଭାସିଆସୁଛି ସ୍ୱର, ଆଲ୍ଲା ହୋ ଆକବର । ପାରା ଦଳେ ଉଡିଯାଉଛନ୍ତି ଆକାଶରେ । ଏବେ ଗାଁ ମନ୍ଦିରରେ ଆଳତି ହେଉଛି । ଘଣ୍ଟ ଘଣ୍ଟାର ଧ୍ୱନୀ ଭିତରେ ତରଙ୍ଗାୟିତ ହୋଇଉଠୁଛି ସନ୍ଧ୍ୟା ବାଟୁଳା ଭୋଗର ମନ୍ତ୍ରପାଠ । ଘରର ଗେଟ୍ ପାଖ ଗଛରେ ‘ୁଟିପଡିଲେଣି ଶେ‘ାଳୀ ‘ୁଲ ସବୁ । ଭୁରୁ ଭୁରୁ ବାସ୍ନାରେ ମହକି ଉଠିଲାଣି ପରିବେଶଟା । ଏବେ ସାରା ଆକାଶଟା ଜହ୍ନ ଆଲୁଅରେ ଭରା । ଗଛ, ଲତା, ଛାତ, ଅଗଣା ଆକାଶ ପ୍ରାନ୍ତର ସମସ୍ତେ ଆଜି ଜ୍ୟୋସ୍ନା ବିଧୌତ । ଏଇ ଜହ୍ନ । ଦୋଳପୂର୍ଣ୍ଣିମୀର ଜହ୍ନ । ‘ଗୁଣ ଆକାଶର ବର୍ଣ୍ଣିଳ ଆଭା । ଦିନ ସିନା ଗଡିଯାଇଛି ହେଲେ କିଛି ବି ବଦଳିନି ଏ ଜହ୍ନଟାର । ଆଖି ଆଗରେ ନାଚିଯାଉଛି ଦୀର୍ଘ ସତୁରୀ ବର୍ଷ ତଳର ସେହି ଝାପସା ଅତୀତଟା ।

ଆଜିପରି ଦିନରେ ‘ଗୁ ଆସିଥିଲେ ଘରକୁ ରଙ୍ଗର ଅବିର ନେଇ । ଘରେ ବଢିଲା ଝିଅ । କେତେବେଳେ କେଉଁ କଥା । ଯବାନ ପୁଅ, ବାଡୁଅ ଯୁବକ, କାହିଁକି ସେମାନେ ବାଧାଦେଲେନି ତାଙ୍କୁ ? ? ‘ଗୁଙ୍କୁ ଦେଖି, ବାପା ଆନନ୍ଦରେ କୁରୁଳି ଉଠିଲେ । ମା’ର ଗୋଡ ତଳେ ଲାଗିଲାନି । ଭାଇ, ଭାଉଜ ତ ମନପ୍ରାଣ ଦେଇ ଚର୍ଚ୍ଚାରେ ଲାଗିପଡିଲେ । ହେଲେ ସେ ଦିନ ସେହି ନିରୋଳା ଘରଟା ଭିତରେ ‘ଗୁ ଯାହା କଲେ ତାହା ବୋଧେ କେହି ଜାଣିପାରିଲେନି । ‘ଗୁ ଖାଲି ରଙ୍ଗର ଅବିର ବୋଳିଲେନି ମନର ବନରେ ନିଆଁଟାଏ ଲଗାଇଦେଲେ । ହୃଦୟର ଲ‘ା‘ା ଖୋଲି ପ୍ରେମର ପ୍ରଥମ ଚିଠିଟାକୁ ପକାଇଦେଲେ । ଓଠରେ ଅନେକ ଶିହରଣ ବୋଳିଦେଲେ ଆଉ ଆଖି ଦିଟାରେ ଅନେକ ରଙ୍ଗୀନ୍ ସ୍ୱପ୍ନ ବି ଭରିଦେଲେ । କେମିତି କେଜାଣି ସମୟଟା ଗଡିଗଲା । ‘ଗୁ ବରବେଶରେ ପାଲିଙ୍କିରେ ଆସିଲେ ଆଉ ସେ ବି ଝିଅରୁ ବଧୂ ପାଲଟିଗଲେ । ସମୟର ସାଗରରେ ଧିରେ ଧିରେ ଆଗେଇଲା ଜୀବନର ତରୀ । ପୁଅଝିଅଙ୍କୁ ନେଇ କଦମ୍ବ ଖୁବ୍ ଖୁସିରେ ଦିନ କାଟିଲେ । ଆଜି ସବୁ ଗୋଟି ଗୋଟି ହୋଇ ମନେପଡୁଛି କଦମ୍ବଙ୍କର । ଜହ୍ନଟାକୁ ଚାହିଁ କଦମ୍ବ ‘ୁସ୍ ‘ୁସ୍ ହୋଇ କହିଚାଲିଛନ୍ତି ...... କେଉଁ ଏକ ଅଦୃଶ୍ୟ ସତ୍ତାକୁ ।

କାହିଁକି କେଜାଣି ସେ ଦିନ ହଠାତ୍ ତୁମେ ‘ଗୁ ଚାଲିଗଲ । କହିଥିଲ ସାବିତ୍ରୀକୁ ଆସିବ ‘ଗୁଣର ‘ଳମାନଙ୍କର ବାସ୍ନାନେଇ । ହୃଦୟର ଆମ୍ବତୋଟାଟାରେ ସେ ଦିନ ମୋ ମନର କୋଇଲି କେତେ ଯେ ବିରହ ଗଜଲ ଗାଇଥିଲା । ବାପଘରୁ ଆସିଥିବା ଶଙ୍ଖା, ସିନ୍ଦୁର ନାହି ପୂଜା ହୋଇଥିବା ଶାଢୀକୁ ପିନ୍ଧି ମା’ଙ୍କ ଆଗରେ ଶୁଭମନାସୀ ଥିଲି । କେମିତି ମୋ ସତ୍ୟବାନଙ୍କୁ ମୁଁ ଆଜି ରାତିରେ ପାଇପାରିବି । ଦିନ ସରି ରାତି ଆସିଲା ତଥାପି ତୁମେ ଆସିଲନି । ଓଷାବ୍ରତ କରି କ୍ଲାନ୍ତ ହୋଇ ପଡିଥିବା ଆଖିପତା ଧିରେ ଧିରେ ନଇଁଆସିଲା ତଥାପି ତୁମେ ଆସିଲନି । ସ୍ୱପ୍ନ ଆସିଲା ତୁମେ ଆସିଲ । ଦାର୍ଜିଲିଂର ସେଇ ଧାଡିକିଆ ଚା କ୍ଷେତରେ ଲୁଚକାଳି ଖେଳିଲ । ତୋ‘ା ଜହ୍ନରାତିଟାରେ ତାଜମହଲ ଭିତରେ ଖୋଜିଥିଲ ଆମର ଅମର ପ୍ରେମକୁ । କୁତବ ମିନାର ଭିତରେ ତୁମେ ଦେଖାଇଥିଲ ତୁମ ଭଲପାଇବାର ଶୀର୍ଷକୁ । ଏବେ ତୁମେ ସିମଲାର ବର‘ ପାହାଡ ଉପରେ । ତୁମେ ମୁଠା ମୁଠା ବର‘ ମୋ ଉପରକୁ ‘ୋପାଡି ମଜାନେଉଛ । ହେ ‘ଗୁ ତୁମେ

ଭାରି ଦୁଷ୍ଟ । ଆରେ ଏମିତି କରନା ଧନ, ଦେହ ମୋର କୋଲ ମାରିଯାଉଛି । ହାତ ଗୋଡ କେମ୍ପା ହୋଇଯାଉଛି । ଏଇ ଦେଖ ଏବେ ସୂର୍ଯ୍ୟ ଉପରକୁ ଉଠିଲେଣି, ଖରା ତୀକ୍ଷ୍ଣ ହେଲାଣି, ବର‘ ତରଳିବାକୁ ଲାଗିଲାଣି । ମୋ ଧନ ମୋ ସୁନା ତୁମେ ଚ୍ଛଲିଆସ ସେ ବର‘ ପାହାଡ ଉପରୁ । ଧଡାସ୍ ..... ଆରେ ଏ କଣ ହେଲା । ଏତେ ବଡ ବର‘ ପାହାଡ ଭୁଷୁଡି ପଡିଲା !!!!! ‘ଗୁ ମୋର କୁଆଡେ ଗଲ ..... ‘ଗୁ ...... ଚିତ୍କାର କରିଉଠିଲେ କଦମ୍ବ । ହଠାତ୍ ନିଦଟା ଭାଙ୍ଗିଗଲା । ହେଲେ ଏ କଣ !!!!! ରାତିଅଧରେ ଘରଟା ଭିତରେ ଏତେ ଲୋକ । ଅଗଣାରେ ଥୁଆ ହୋଇଛି କାଠର କ‘ିନ୍ । କ‘ିନ୍ ଭିତରେ ଗଦା ଗଦା ‘ୁଲମାଳ । ଜାତୀୟ ପତାକାର ଆବରଣ । ତା ଭିତରୁ ଦେଖାଯାଉଛି ଗୋଟେ ନିର୍ଭୀକ, ନିଷ୍କପଟ ମନଲୋଭା ଠାଣିର ମୁହଁ । ଏ ଯେ ‘ଗୁ ଓର‘ ‘ାଲଗୁନୀ ପଟ୍ଟନାୟକ । ଚିତ୍କାର କରି ତଳେ କଚ୍ଛଡି ହୋଇପଡିଲେ କଦମ୍ବ । ଛତିଶଗଡ ସୀମାନ୍ତରେ ଦୁର୍ଦ୍ଦାନ୍ତ ନକ୍ସଲମାନଙ୍କ ଦ୍ୱାରା ନିହତ କର୍ତ୍ତବ୍ୟନିଷ୍ଠ ବୀର ଯବାନ ‘ାଲଗୁନୀ ପଟ୍ଟନାୟକ । କ‘ିନ୍ ଚ୍ଛରିପଟେ ନୀରବରେ ଦଣ୍ଡାୟମାନ କେତେଜଣ ପୋଲିସ ଅ‘ିସର, ଗ୍ରାମବାସୀ ଆଉ ପରିବାରବର୍ଗ । ସତରେ ‘ଗୁ ଚ୍ଛଲିଗଲେ । କେତେ ଯତ୍ନରେ ସାଇତି ଥିବା ଶଙ୍ଖା, ସିନ୍ଦୁର ଆଉ ଶାଢୀକୁ ସେମାନେ ଛଡାଇ ନେଲେ । ହେଲେ ବୁଝନ୍ତି ନାହିଁ କଦମ୍ବ । ବେଳେ ବେଳେ ସେ ଚିତ୍କାର କରିଉଠନ୍ତି । ନାଁ ‘ଗୁ ନା ତୁମେ ବେଶୀ ଦୂରକୁ ଯାଇନାହଁ । ତୁମେ ସେହି ବର‘ ଭିତରେ ଅଛ । ଅନେକ ସମୟରେ ସେ ଶଙ୍ଖା, ସିନ୍ଦୁର ଆଉ ଶାଢୀପିନ୍ଧି ଘରର ବାଲ୍‌କୋନିରେ ବସନ୍ତି । ଲୋକମାନେ ଚୁପ୍ ଚାପ୍ ‘ୁସ‘ାସ ହୁଅନ୍ତି । ପୁଅଝିଅ କୁହନ୍ତି ମା’ଟା ଆମର ପାଗେଳୀ ହୋଇଯାଇଛି । କଦମ୍ବଙ୍କ ଆଖିରୁ ଲୁହ ଝରେନି ତ ରକ୍ତ ଝରେ, ମନପକ୍ଷୀ ଝୁରିମରେ । ହଁ ସେ ପାଗେଳୀ ହୋଇପାରନ୍ତି । ହେଲେ ସେ ସ୍ୱାଧୀନତା ଚ୍ଛହାଁନ୍ତି । ଶିକ୍ଷିତ ମଣିଷ କେବେ ପ୍ରଥା ପରମ୍ପରା ଓ ଅନ୍ଧବିଶ୍ୱାସର ପ୍ରହେଳିକାରେ ନିଷ୍ପେସିତ ହେଉ । କଦମ୍ବ ଏସବୁ ଚ୍ଛହାଁନ୍ତି ନାହିଁ । ସେ ଶିକ୍ଷିତା, ସେ ମୁକ୍ତ ଆକାଶର ବିହଙ୍ଗ । ଗୋଟିଏ ସମାଜ, ଗୋଟିଏ ପରିବାର ତଥା ନିଜର ସନ୍ତାନମାନେ ମଧ୍ୟ ତାଙ୍କୁ ଅନେକ ମାନସିକ ନିର୍ଯ୍ୟାତନା ଦିଅନ୍ତି । କେହି ବୁଝିବାକୁ ଚେଷ୍ଟାକରନ୍ତି ନି ଗୋଟିଏ ମଣିଷର ଆବେଗକୁ । ଛାଡ ..... ‘ଗୁ ଥିଲେ ଜାଣିପାରିଥାନ୍ତେ । ହେଲେ ହେ ‘ଗୁଣ ତୁମେ ଗଲା ପରେ ପରେ । ଅନେକ ଯାତନା ସହିବାକୁ ହେଉଛି, ଅନେକ ଯନ୍ତ୍ରଣାରେ ଛଟପଟ ହେଉଛି ଏଠି । ତୁମେ ଚ୍ଛଲିଗଲା ପରେ ମୁଁ ଏଠି ଭାଗବଣ୍ଟା ହେଲି । କିଛିଦିନ ବଡପୁଅ ଚଳାଇଲା ତ କିଛିଦିନ ସାନପୁଅ ଚଳାଇଲା । ବଡପୁଅ ତୁମ ପେନସନରେ ଭାଗ ଖୋଜିଲା ସାନପୁଅ ଗାଁଘର ବିକି ଟଙ୍କା ଦେବାକୁ ଧମକ ଦେଲା । ଝିଅ ତୁମେ ମୋ ପାଇଁ ଗଢିଥିବା ମେଦିନିପୁରୀ ସୁନାହାର ନେବା ପାଇଁ ଜିଦ୍ କଲା । ସମସ୍ତଙ୍କୁ ନାଲିଆଖି ଦେଖାଇ ରୋକଠୋକ୍ ମନାକରିଦେଲି ବୋଲି ଆଜି ପର ପାଲଟି ଗଲି । ପୁଅମାନେ ଟ୍ରେନରେ ବସାଇ ଘରକୁ ପଠାଇଦେଲେ । ବୋହୂମାନେ ତ ଦିଲ୍ଲୀର ରାଣୀ । ବାଛି ବାଛି ବୋହୂ କରିଥିଲି । ଶେଷରେ କହିଲେ ପାଗେଳୀଟାକୁ ଗାଁକୁ ପଠାଇଦିଅ । ଝିଅ ଜ୍ୱାଇଁ ଆସିଲେ କାର୍ କରି ପୁରୀ ଜଗନ୍ନାଥ, ଲୋକନାଥ, ଲିଙ୍ଗରାଜ ଦେଖାଇଲେ । ସାଥିରେ ରାଉରକେଲା ନେଲେ । ହାରଟିକୁ ହାତେଇବା ପାଇଁ ଝିଅ-ଜ୍ୱାଇଁ କେତେ ‘ୁସୁଲାଇଲେ । ମନାକଲାରୁ ତାପର ଦିନ ଘରେ ଛାଡି ଦେଇଗଲେ । ସତରେ ‘ଗୁ ତୁମେ କହିଥିଲ କି ପୁଅ କି ଝିଅ କି ବନ୍ଧୁ କି ବାନ୍ଧବ ସମସ୍ତେ ଟଙ୍କାର ଗୋଲାମ । ସମସ୍ତେ ସ୍ୱାର୍ଥପର । ଆଜି ଏତେବଡ ଘରେ ମୁଁ ଏକା । ତୁମେ ନାହଁ ପାଖରେ । ହେଲେ ବାଲକୋନିର କାନ୍ଥରେ ଟଙ୍ଗା ‘ଟୋ ଭିତରୁ ସତେ ଯେପରି ତୁମେ ହାତ ପ୍ରସାରି ନିମନ୍ତ୍ରଣ କରୁଛ ମୋତେ କେଉଁ ଗୋପନ ଅଭିସାରକୁ । ବାଲ୍‌କୋନିରୁ ଏବେ ସ୍ପଷ୍ଟ ଦେଖାଯାଉଛି ସେହି କେନାଲ ଉପରର ପୋଲଟା । ପୂର୍ଣ୍ଣମୀ ଜହ୍ନର ପ୍ରତି‘ଳନରେ ପାଣି ସବୁ ଚିକ୍ ଚିକ୍ କରୁଛି । ଠାଏ ଠାଏ ସ‘େଦ କାଗଜର ଟୁକୁଡା ଯେପରି ଭାସିଯାଉଛି । ଇଛା ହେଉଛି ଉଠିଯାଇ ସେହି କାଗଜ ଟୁକୁଡା ଗୁଡିକ ସାଉଁଟି ଆଣନ୍ତି କି । ସେତେବେଳେ କାଠ ପୋଲ ଥାଏ । ‘ଗୁ ଚିଠି ଦିଅନ୍ତି, ଚିଠିରେ କବିତା ଥାଏ, କବିତାରେ ପ୍ରେମ ଥାଏ, ଆଉ ସେ

ପ୍ରେମରେ ଗୋଟିଏ ଚିରନ୍ତନ ଆନନ୍ଦ ବି ଥାଏ । କାଲେ କିଏ ଜାଣିଦେବ । କଦମ୍ବ ଚିଠି ସବୁ ଟୁକୁଡା ଟୁକୁଡା କରି ପକାଇଦେଇ ଆସନ୍ତି ସେହି ପୋଲ ତଳକୁ । କେହି ଦେଖନ୍ତିନି ସିନା, ଏ ଜହ୍ନଟା ଦେଖେ, ଆଉ ିକ୍ କିନା ହସିଦିଏ । ପବନ ଦେଖେ ସାଇଁ ସାଇଁ ହୋଇ କୁରୁଳି ଉଠେ । କାଠ ପୋଲଟା ଦେଖେ, କେନାଲର ପାଣି ଦେଖେ । ସମସ୍ତେ କେମିତି ନୀରବ ସମର୍ଥନ କରନ୍ତି । କେହି ବି ପ୍ରତିବାଦ କରନ୍ତି ନି ଏ ମଣିଷମାନଙ୍କ ପରି । ଆଜି ଏ ସମାଜଟା ସିନ୍ଦୁର ଟୋପା ପୋଛି ପକାଇଛି ମଥାରୁ, ଶଙ୍ଖା ଶାଢୀ ବି ଛଡାଇ ନେଇଛି । ତଥାପି ସେ ସବୁକୁ ମୁଁ ସାଇତିଛି ଆଜି ମୋ ହୃଦୟରେ । ତୁମେ ବଞ୍ଚିଛ 'ଗୁ ସେହି ବର' ପାହାଡ ତଳେ, ତୁମେ ବଞ୍ଚିଛ ଇଥରର ଶୂନ୍ୟ ମରୁଭୂମିରେ । ତୁମେ ବଞ୍ଚିଛ ଦେବତାଟିଏ ହୋଇ ମୋ ବିଶ୍ୱାସର ମନ୍ଦିର ଭିତରେ । ଯାଉଛି ଏବେ ତୁମପାଇଁ ଚିଠିଟିଏ ଲେଖିବି । ହେଲେ ଏ କଣ କୋହଲା ପବନ ବହୁଛି । ଏଁ ..... ବାହାରେ ବର୍ଷା ହେଉଛି । ହେଲେ 'ଗୁଣରେ ଶ୍ରାବଣ । ଜହ୍ନ ଏବେ ବି ଆକାଶରେ । ହେଲେ ଏ କଣ ....... କଦମ୍ବ ଆଖିରେ ଚଷମା ଦେଇ ଦେଖିଲେ ଜହ୍ନକୁ । ଜହ୍ନ ଭିତରେ ଉଙ୍କିମାରୁଥିଲା 'ଗୁଙ୍କର ମୁହଁ । ସତେ ଯେପରି 'ଗୁଙ୍କର ସେହି ଲୋତକାପ୍ଲୁତ ଆଖିରୁ ଝରୁଥିଲା ଲୁହ ଟୋପାଗୁଡାକ ବର୍ଷା ହୋଇ । କଦମ୍ବ ଅନାଇଲେ କାନ୍ଥ ଘଣ୍ଟାକୁ । ଟି.ଭି. ପ୍ରୋଗ୍ରାମ 'ବୟସର କୃଷ୍ଣଚୁଡା' ଆରମ୍ଭ ହେବାକୁ ଆହୁରି ଦଶ ମିନିଟ୍ ବାକିଅଛି । କଦମ୍ବ କାଗଜ କଲମ ଆଣି ଚିଠିଟିଏ ଲେଖିବସିଲେ ଫଗୁଙ୍କୁ । ଆଲାର୍ମ ବାଜିଲା । କଦମ୍ବ ରିମୋର୍ଟର ସୁଇଚ୍ ଦାବିଲେ । ଟିଭିର ଧୂସର ପରଦା ଉପରେ ଦୋଳାୟିତ ହେଲା 'ବୟସର କୃଷ୍ଣଚୁଡା' । କେହି ଜଣେ ସୁଲଳିତ କଣ୍ଠରେ ଗାଇବାକୁ ଆରମ୍ଭକଲେ ଅକ୍ଷୟ ମହାନ୍ତିଙ୍କର ସେହି କାଳଜୟୀ ଗୀତ ।

"ହେ ଫଗୁଣ ତୁମେ ଗଲା ପରେ ପରେ ଅନେକ ଯାତନା ଏଠି ଲୁହରେ ଲେଖୁଛି କବିତା ଆଜି ମୁଁ ଲହୁରେ ଲେଖୁଛି ଚିଠି"।

ନନ୍ଦୀଗ୍ରାମ, ନାଉଗାଁ




# ଅମୃତ ଧାରା

**- ଗୀତାଞ୍ଜଳୀ ନାୟକ**

ଘରକୁ ଫେରିବା ଖୁସିରେ ବି ବ୍ରଜବନ୍ଧୁଙ୍କ ମନ ଦୁଃଖରେ ଭରିଗଲା, ସେ ଅନୁଭବ କରୁଥିଲେ ବହୁଦିନର ପରିଚିତ ସ୍ନେହ ମମତାର ହସ ଖୁସିର ଘର ଛୋଟିଆ ପରବାର ଟି ମୋତେ କେତେଦୂର ଗ୍ରହଣ କରିବ । ବନ୍ଧୁ-ବାନ୍ଧବମାନେ କଣ ଭାବିବେ ? ପାଖରେ ଝିଅଟି ମୋର ଦୁଃଖ ଓ ଲାଜରେ ଠିଆ ହୋଇଥାଏ । ନରେନ୍ଦ୍ର ମୋ ପିଲାଦିନର ସାଙ୍ଗ, ସେ ଆଗରୁ ଆସି ଆମକୁ ୨ ଘଣ୍ଟା ପୂର୍ବରୁ କଚେରି ଗେଟ୍ ପାଖରେ ଅପେକ୍ଷା କରିଥାଏ । ଆମ ବାପ-ଝିଅଙ୍କୁ ସେ ଦେଖି କୁଣ୍ଢାଇ ଭୋ, ଭୋ କାନ୍ଦିଲା । ସତରେ ତାହା ଥିଲା ଆମପ୍ରତି ଆନନ୍ଦର ଅଶ୍ରୁ । ପିଲାବେଳୁ ଆମେ ଦୁଇଜଣ କେତେ ଖେଳ ଖେଳିଛୁ, ନୌକା ଧରି ଜହ୍ନ ରାତିରେ କେତେ ଗୀତ ଗାଇ, ଗାଇ ରାତି କଟେଇଛୁ । ଭୂତକୁ ଦେଖିବାକୁ ଆମେ ଦୁଇବନ୍ଧୁ ରାତିରେ ଶ୍ମଶାନରେ କେତେ ବୁଲିଛୁ, ଆମେ ଥିଲୁ ଦୁହେଁ ଦୁହିଁଙ୍କ ପାଇଁ ଜୀବନ ଦେଉଥିବା ବନ୍ଧୁ । ଆମ ଏହି ବାରବୁଲା ଚାଲି ଚଳନ ଦେଖି ତା ବାପା ଓ ମୋ ବାପା ସହରକୁ ପାଠ ପଢ଼ିବାକୁ ପଠେଇ ଦେଲେ । ସେଠି ଆମେ ଦୁଇଜଣ ପାଠ ପଢୁ, ତା ସାଙ୍ଗରେ କ୍ରିକେଟ୍ ଖେଳ ଖୁବ୍ ଜମେ ଏବଂ ରବିବାର ହେଲେ ଫିଲିମ୍ ଦେଖିବାକୁ ଯାଉ । ଭାରି ଅମାନିଆ ଥିଲୁ ସିନା, ହେଲେ ଆମ ଦୁଇଜଣଙ୍କୁ ପାଠରେ କେହି ପଛରେ ପକେଇଲା ଭଳି ପିଲା ସ୍କୁଲ୍‌ରେ ନଥିଲେ । ଦୁଇଜଣ ପାଠ ପଢ଼ାରେ ସବୁବେଳେ ଆଗୁଆ ଥିଲୁ । ଆମେ ଦୁଇଜଣ ସବୁବେଳେ ପାଠ ଉପରେ ଧ୍ୟାନ ରଖିଥାଉ, ଶେଷରେ ଦୁଇଟି ଡାକ୍ତର ହେଲୁ । ତାପରେ ଆମେ ଅଲଗା ହେଇଗଲୁ । ହେଲେ ଆମ ମନ ସବୁବେଳେ ଜଣେ ଅନ୍ୟଜଣଙ୍କୁ ଛୁଟିରେ ଦେଖିବା ପାଇଁ ବ୍ୟାକୁଳ ହେଇଯାଏ ତା ପରେ ଦୁହେଁ ଛୁଟିରେ ଗାଁ କୁ ଆସିଥାଉ । ଆମର ପିଲାଦିନର ଅଭ୍ୟାସ ଦାଣ୍ଡ ଚଉତରା ଉପରେ ବସି ଦାନ୍ତ ଘସିବା, ଭାରି ମଜା ଲାଗେ । ଆମେ ଗାଁକୁ ଆସିଲେ ଦୁଇଜଣ ଜାକ ଜଣଙ୍କ ଘରେ ସାଙ୍ଗହେଇ ରହୁ । ତା ପରେ ଆମ ଦୁଇଜଣଙ୍କର ବାହାଘର ପାଇଁ ଘରେ ବ୍ୟସ୍ତ ହେଲେ । ମୋର ବାହାଘର ବାପା ଠିକ୍ କରିଦେଲେ । ସେଥିରେ ମୁଁ ପ୍ରତିବାଦ କରିପାରିଲିନି, ଯଦିଓ ଏତେ ଶିଘ୍ର ମୋ ଜୀବନକୁ ମୁଁ ଆବଦ୍ଧ କରିବାକୁ ଚାହୁଁ ନଥିଲି, କିଛି ବର୍ଷ ଏମିତି ସଇତାନି ହେଇ ଟିକେ ମଉଜ, ମଜଲିସ୍ କରିବାଟା ମୋର ଭାରି ଇଚ୍ଛା । ହେଲେ ବାପା ନଛୋଡ଼ ବନ୍ଧା, ବାହାଘର ହେବ । ଝିଅ ଦେଖିବାକୁ ଶିଘ୍ର ଆସେ । ଛୁଟିରେ ମୁଁ ଘରକୁ ଆସିଥାଏ । ନରେନ୍ଦ୍ର ମଧ ଆସିଥାଏ । ଦୁଇବନ୍ଧୁ ବାହାରିଗଲୁ ବାପାଙ୍କ କଥା ଭାଙ୍ଗିନପାରି ଝିଅ ଦେଖିବାକୁ । ପାଖ ଗାଁର ଝିଅ ଟି ମୁଣ୍ଡ ପୋତି ବସିଥିଲା । ତଥାପି ଶିକ୍ଷିତା ପରି ଲାଗୁଥିଲା । ମନେ ହେଉଥିଲା ସଭ୍ୟା, ଶୈଶବ ଜାଗାରେ ଏଇ କେତେଦିନ ହେବ ଯେମିତି ତା ଦେହରେ ଯୌବନ ଉଙ୍କି ମାରିଛି । ଗୌରାଙ୍ଗୀ ଦେହ ସାଙ୍ଗକୁ ଆଖି ପତା ଉପରେ ସତେ ଯେପରି କଳା ଭଅଁର ଦୁଇଟା ବସିଛନ୍ତି । ଆଉ କେଶ ଯଦିଓ ବେଶି ଲମ୍ବା ନୁହେଁ । କଳା ବଉଦ ଢ଼ାଙ୍କିଲା ପରି ପିଠି ପଟକୁ ଢ଼ାଙ୍କି ଦେଇଥାଏ । ତାକୁ ଦେଖି ଆସିବା ପରେ ମୁଁ ଆଉ ବାପାଙ୍କୁ ହଁ ନ କରି ରହି ପାରିଲିନି । ମୋ ବାହାଘର ସେଇଠି ଠିକ୍ ହୋଇଗଲା । ହେଲେ ମୋ ସାଙ୍ଗର ବାହାଘର ଠିକ୍ ନ ହେବା ଯାଏ ମୁଁ ବିବାହ କରିପାରିବିନି ବୋଲି ବାପାଙ୍କୁ ଶୁଣେଇ ଦେଲି । ମୋର ନିର୍ବନ୍ଧ କରି ବାପା ମୋ କଥାରେ ବାହାଘର ପଛରେ କରିବାକୁ ସ୍ଥିର କଲେ । ତା ପରେ ତାର ବାହାଘର ଓ ମୋ ବାହାଘର ଏକାଦିନରେ ହେଲା । ତାର ପୁଅଟିଏ ଏବଂ ମୋର ଝିଅଟିଏ ହେଲା । ଏମିତିରେ ଆମ ସଂସାର ଚାଲିଥାଏ ।

ଘର ଜଞ୍ଜାଳ ବାପା, ମା ଙ୍କ ଜଞ୍ଜାଳ ରେ ଆମକୁ ସମୟ ଜମା ଅଣ୍ଟେନି । ତେଣେ ପୁଣି ଡାକ୍ତର ଖାନା ଡିଉଟି ତା ପରେ ତାର ମୋର ସମ୍ପର୍କ ଟିକେ କମିବାକୁ ଲାଗିଲା । ମନ କିନ୍ତୁ ଥାଏ ହେଲେ ସମୟର ଘୋର ଅଭାବ, ମୋ ଝିଅ ଧିରେ ଧିରେ ବଡ଼ ହେଲା । ସେ ଚାରି, ପାଞ୍ଚବର୍ଷ ରୁ ଯେମିତି ନରେନ୍ଦ୍ର, ମତେ ନ ଦେଖିଲେ ପାଗଳ, ଝିଅଟି ମଧ ଟିକେ ନ ଦେଖିଲେ ବାଉଳା ହେଇ ଯାଉଥିଲା । ଯେତେ ଖେଳନା, ଚକ୍‌ଲେଟ୍, ସାଙ୍ଗ ତା ପାଇଁ ମୋ ବ୍ୟତୀତ ସବୁ ମୂଲ୍ୟହୀନ ହେଇ ଯାଉଥିଲା । ଯେତେ ରାତି ହେଉ ଘରକୁ ଫେରିଲେ ମୋ ସାଙ୍ଗରେ ଖାଇବା ପାଇଁ ସେମିତି ମୋ କଥା ନ ମାନି ଢୁଳେଇ, ଢୁଳେଇ ଅପେକ୍ଷା କରିଥିବା ସତେ ଯେମିତି ମା ଟି ତା ପୁଅର ଫେରିବା ବାଟ କୁ ଚାହିଁଛି । ବାବା ପେଟ ଉପରେ ମୁଣ୍ଡ ନ ଥୋଇଲେ ତାକୁ ନିଦ ଆସେନି । ଯେତେ ବଡ଼ ହେଉଥାଏ ସେ ମୋ ପ୍ରତି ସେତେ ନିବିଡ଼ ହେଉଥାଏ । ବାବା ପଢ଼େଇଲେ ମୋ ସବୁ ପାଠ ହେଇଯିବ । ସମୟ ନ ଥିଲେ ବି ତା ପାଇଁ ଟିକେ ସମୟ ବାହାର କରି ପଢ଼େଇ ଦେଲେ ସେ ଖୁସ୍ ମୁଁ ବି ଖୁସ୍ । ଏମିତି ପଢ଼ଉ ପଢ଼ଉ ମୋ ଲକ୍ଷ୍ମୀପ୍ରତିମାର କେତେ ବେଳେ ପାଠ ସରି ବଡ଼ ହେଇଗଲାଣି । ମୁଁ ଜାଣି ପାରିଲିନି । ତା ମା ଥରେ ଆସି କହିଲା ଝିଅର ପାଠ ପଢ଼ା ସରିଗଲାଣି । ଏଥର ବର ଘର କୋଉଠି ଖୋଜା, ଖୋଜି ଆରମ୍ଭ କର । ମୁଁ କହିଲି ମୋ ଝିଅକୁ  ଛାଡ଼ି ମୁଁ କଣ କେବେ ବଞ୍ଚି ପାରିବି ? ସତରେ ତମକୁ ଭଗବାନ୍ ଝିଅ କାହିଁକି ଦେଉଥିଲେ କେଜାଣି ? ତମେ ତ ତା ବିନା ମୁହୁର୍ତ୍ତେ ବଞ୍ଚିବା କଷ୍ଟକର । ତଥାପି ସୃଷ୍ଟିର ସତ୍ୟ କୁ ତ ଆମକୁ ମାନିବାକୁ ପଡ଼ିବନା । ମୋ ଝିଅ ଲଭଲି ଠିକ୍ ତା ମା ପରି ଥିଲା । ସୁନ୍ଦରୀ, ରୂପ, ଗୁଣ, ବିଦ୍ୟାରେ କେହି ହରେଇଲା ପରି ନଥିଲେ । ଏମିତି ମନେ ମନେ ଭାବି ଆମେ ସ୍ୱାମୀ ସ୍ତ୍ରୀ ବିବାହ ପାଇଁ ଯେତିକି ବ୍ୟସ୍ତ ନଥିଲୁ । ମୋ ସୁନା ପ୍ରତିମାକୁ ଆମଠାରୁ ଦୂରେଇ ଦେବାଟା ଥିଲା ଆମ ପାଇଁ ଅସହ୍ୟ ଯନ୍ତ୍ରଣା । ଏହି ସତ୍ୟକୁ ଆମେ କେମିତି ସାମନା କରିବୁ । ଭାବି ଭାବି ରାତିସାରା ନିଦ ଆସେନି । ଏମିତି ରାତି ପାହିଯାଏ, ଥରେ ନରେନ୍ଦ୍ରର ହଠାତ୍ ଫୋନ୍ ଆସିଲା । ସେ କାହାଠାରୁ ମୋ ଫୋନ୍ ନମ୍ବର ନେଇ ଫୋନ୍ କରିଛି, ଏଇ ଏପଟ ସେପଟ ଟ୍ରାନ୍ସଫର କୋଉ ଯାଗାକୁ ଆଦୌ ଫୋନ୍ ଲାଗେନିତ, ତେଣୁ ଫୋନ୍‌ରେ ବି ଆମେ ସମ୍ପର୍କ ରଖି ପାରିନଥିଲୁ । ସେ ଏଇ ପାଖାପାଖି ଟ୍ରାନ୍ସଫର୍ ହେଇ ଆସିଛି ବୋଲି କହିଲା । ମନ ବ୍ୟାକୁଳ ହେଲା, ତାକୁ ଟିକେ ଦେଖିବାକୁ ସକାଳ ହେବାମାତ୍ରେ ଛୁଟିଗଲି ତା ସାଙ୍ଗେ ଦେଖା କରିବାକୁ । ଦୁଇବନ୍ଧୁଙ୍କ ଖୁସି କହିଲେ ନ ସରେ, ପୁଅଟି କେଡ଼େ ଟିକେଥିଲା ଏତେ ବଡ଼ ହେଇଗଲାଣି । ଭାଉଜ ଯଦିଓ ବେଶି ବୁଢ଼ୀ ନୁହଁ, ତଥାପି ସେତେବେଳର ଭାଉଜ ପରିବର୍ତ୍ତନ ଶରୀର । ଆମେ ଦୁହେଁ କେତେକଣ ଗପିଗଲୁ । ଗପ ଭିତରେ ଭାଉଜଙ୍କର ୬ କପ୍ ଚା ଦିଆ ସରିଗଲାଣି । ହେଲେ ଆମ ଗପ ସରୁନି । ଆମ ଗପକୁ ସାରିବାକୁ ପଡିଲା । ଏମିତି ମିଳା, ମିଶା ଭିତରେ ମୋ ମୁଣ୍ଡକୁ ଗୋଟିଏ କଥା ଅସିଲା ଆମର ବନ୍ଧୁତ୍ୱକୁ ଆହୁରି ମଜବୁତ୍ କରିବାକୁ ଭାବିଲି ଏବଂ ନରେନ୍ଦ୍ର ପୁଅ ଅମ୍ଳାନ ସହ ମୋ ଝିଅ ଲଭ୍‌ଲିର ବାହାଘର କରିଦେଲେ କେମିତି ହୁଅନ୍ତା ? ଏହା ଭାବି ମୋ ସ୍ତ୍ରୀ କୁ କହିଲି, ମୋ ସ୍ତ୍ରୀ ନିରୁପମା ଖୁସିରେ କହିଲା ଏ ମନ ଖୋଜୁଥିଲା ଯାହା କାଳେ ପ୍ରାପ୍ତ ହୁଏ ତାହା । ସତକୁ ସତ କଥାଟି ସତ ହେଲା, ସେମାନଙ୍କର ମଧ କୌଣସି ପ୍ରତିବାଦ ନ ଥିଲା । ହସଖୁସିର ମହଲ କହିଲେ ନ ସରେ । ବର୍ଷକ ପରେ ମୋର ନାତିଟିଏ ହେଲା ଆମ ଦୁଇ ବନ୍ଧୁଙ୍କୁ ସବୁ ସୁଖ ଯେମିତି ଭଗବାନ ଗୋଟେ ପରେ ଗୋଟେ ଖଞ୍ଜି ଚାଲିଛନ୍ତି । ସମସ୍ତେ ଆମ ବନ୍ଧୁତ୍ୱ ଦେଖିଲେ ଏବଂ ଆମ ଖୁସିକୁ ଦେଖିଲେ ନିଜକୁ ଛୋଟ ମଣନ୍ତି । ଯାହା ପାଖରେ ଯେତେ ଧନ ଦୌଲତ ଥିଲେ, ଆମ ଖୁସି ଆଗରେ ସବୁ ଖୁସି ଯେମିତି ପାଣିଚିଆ ପରି ସମସ୍ତଙ୍କୁ ଲାଗୁଥିଲା ।

ଦିନେ ଆମ ଖୁସିର ଜୁଆରରେ ଭଟ୍ଟା ପଡ଼ିଗଲା, ଏତେ ଖୁସିରେ ଆମର ଦୁଃଖର ଛାୟା ଖେଳିଗଲା । ବୋଧେ କାହାର ନଜର ଲାଗିଗଲା । ମୁଁ ଡାକ୍ତର ଖାନାରେ ଥିଲା ବେଳେ

ଫୋନ୍ ଆସିଲା, ରୋଗୀଟି ସିରିଏସ୍ ଟିକେ ଆମ ଗାଁ କୁ ଆସି ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଖାନା ନେବା ପାଇଁ, ମୁଁ ସହି ନପାରି ସାଙ୍ଗେ, ସାଙ୍ଗେ ବାଇକ୍‌ରେ ପଳେଇଗଲି । ଗାଁକୁ ଯିବା ବଡ଼ କଷ୍ଟ ସାଧ୍ୟ ଥିଲା, ରାସ୍ତା ଏତେ ଭଲ ନଥିଲା ଗୋଟିଏ ବାଇକ୍ କିମ୍ବା ସାଇକେଲ୍ ଯିବା ଭଳି ରାସ୍ତା ଥାଏ । ବହୁତ କଷ୍ଟରେ ଯାଇ ପହଞ୍ଚିଲି । ଦେଖିଲି ଝାଟିମାଟି କୁଡ଼ିଆ ଘରଟିଏ, ଘର ଭିତରେ ସ୍ତ୍ରୀ ଲୋକଟି ପ୍ରସବ ବେଦନା ରେ ଛଟପଟ ହଉଛି । ଦେଖିଲା ବେଳକୁ ସ୍ତ୍ରୀ ଲୋକଟି ବହୁତ ସାଙ୍ଘାତିକ ହେଇଯାଇ ଥାଏ, ମୁଁ ଉପାୟ ନ ପାଇ ବ୍ୟାଗ୍‌ରେ ଥିବା ଇଞ୍ଜେକ୍‌ସନ ବାହାର କରି ଦେଇ ଦେଲି । ସ୍ତ୍ରୀ ଲୋକଟିର କଷ୍ଟ ଆଉ ପାଟି ସବୁଦିନ ପାଇଁ ବନ୍ଦ ହେଇଗଲା, ପାଖରେ ୯୦ କି ୯୫ ବର୍ଷର ଧୋକଡ଼ ବୁଢ଼ି । ବୋଧେ ତାର ଶାଶୁ ହେବ, କୋଳରେ ଦୁଇ ବର୍ଷର ଲଙ୍ଗଳା, ଆଲେରା ମାଲେରା ଛୁଆଟିକୁ ଧରି ବୋହୁକୁ ଧରି ବ୍ୟାକୁଳ ରେ କାନ୍ଦିବାକୁ ଲାଗିଲା । ମୁଁ ଆବାକ୍ ହେଇଗଲି, ମୋତେ ବୁଦ୍ଧିବାଟ ଦିଶିଲାନି । ହଠାତ୍ କଣ ହେଲା ମୁଁ ବୁଝିପାରିଲିନି, ସାହାସର ସହ ଇଞ୍ଜେକ୍‌ସନ ଖୋଳଟି ଦେଖିବା ବେଳକୁ ତାର ଏକ୍ସପାରି ଡେଟ୍ ଚାଲି ଯାଇଥିଲା, ମୁଁ କଣ କଲି ? ମୋ ବ୍ୟାଗ୍‌ରେ ଏମର୍ଜେନସ୍ ପାଇଁ ସବୁବେଳେ ପଡ଼ିଥାଏ । ହେଲେ ମୁଁ ବିକଳ ପରିସ୍ଥିତିରେ ହିତା, ହିତ ଜ୍ଞାନ ଭୁଲିଗଲି । ବୁଢ଼ୀର କାନ୍ଦ ଶୁଣି ସାଇ ପଡ଼ିସା ସମସ୍ତେ ଧାଇଁ ଆସିଲେ । ଯେତେ ବୁଝାଇବାକୁ ଚେଷ୍ଟା କଲି ସେମାନେ ବୁଝିବା ପରସ୍ଥିତିରେ ନ ଥିଲେ । ଚାହୁଁ ଚାହୁଁ ତୁଣ୍ଡ ବାଇଦ ସହସ୍ର କୋଶ ଭଳି ବ୍ୟାପିଗଲା । ମିଡ଼ିଆ, ପୋଲିସ୍ ମୋତେ ଆରେଷ୍ଟ୍ କରିନେଲେ, ଟିଭି, ପେପର ସବୁଥିରେ ଫଟ ସହ ବାହାରି ପଡ଼ିଲା । ମୋତେ ଜେଲ୍ ଶୁଣାଣି ହୋଇଗଲା ।

ଜେଲ୍‌ରେ ଆଜିବନ ନ ଖାଇ ନ ପିଇ ରହିବାକୁ ହେବ । ଖାଦ୍ୟ ତ ଦୂରର କଥା, ଏମିତି ପାଣିବି ଟିକେ ଦେଲେନି । ଯେଉଁଲୋକ ଠାକୁର ଭଳି ମାନୁଥିଲେ, ସେମାନେ ଏହି ରାୟରେ ଜଜ୍‌ଙ୍କର ଠିକ୍ ଉଚିତ୍ ଦଣ୍ଡ ବୋଲି କହିଲେ । କିଏ କହିଲେ ମଣିଷ ମରା ଡାକ୍ତରଙ୍କୁ ଏମିତି ଦଣ୍ଡ ଦେଲେ ଅନ୍ୟମାନେ ସଚେତନ ହେବେ । ଏତେବଡ଼ ଦୋଷରେ ଦୋଷି ହେଇ ମୁଁ ସମସ୍ତଙ୍କୁ ଛାଡ଼ି ଜେଲ୍ ଚାଲିଗଲି । ଝିଅଟି ମୋର ବିକଳ ରେ ମୋ ମୁହଁକୁ ଚାହିଁଥାଏ । ସମସ୍ତଙ୍କ ଆଖିରେ ଲୁହର ଧାର । ହେଲେ ମୋ ମା ନିର୍ବାକ ହେଇ କାଠ ପରି ଠିଆ ହେଇଥାଏ । ସତେ ଯେମିତି ମୋ ସୁନା ପ୍ରତିମା ଜଡ଼ ପଥର ମୂର୍ତ୍ତିଟି ପରି ଠିଆ ହେଇଛି । ସତରେ କଣ ପଥର ପାଲିଟି ଗଲା, ମୋ ଝିଅକୁ ଶେଷ ଥର ପାଇଁ ଟିକେ କୋଳେଇ ନବାକୁ ଇଚ୍ଛା ବହୁତ ଥାଏ । ହେଲେ ତାର ଏପରି ଅବସ୍ଥା ଦେଖି ମୁଁ ରହିଗଲି । କାଳେ ପାଖକୁ ଗଲେ ତା ଦୁଃଖ ଅଧିକ ବଢ଼ିଯିବ । ଆଉ ଦୁଃଖ ସହି ନ ପାରି ତା ହୃଦ୍‌କ୍ରିୟା ବନ୍ଦ ହେଇଯିବ । ସେଥିପାଇଁ ମୁଁ ନିଜକୁ ଟିକେ ସମ୍ଭାଳି ନେଲି । ମୁଁ କହିଲି ମୋର କିଛି ହେଇନି । ବେଲ୍ ହେଇଯିବ ମୁଁ ଦିନେ ଦୁଇଦିନରେ ପୁଣି ଘରକୁ ଆସିବି ଭାରି । ସୁପ୍ରିମ୍ କୋର୍ଟରେ ଜିତିଯିବି । ସେ ସେମିତି ସ୍ଥିର ଅବସ୍ଥାରେ ଥାଏ । ମୋ କଥା ତାକୁ ଶୁଭୁଥାଏ କି ନାହିଁ ଭଗବାନ ଜାଣନ୍ତି । ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ହୃଦୟ ଭିତରୁ ମୁଣ୍ଡିଆ ଟିଏ ମାରି ମୋ ଝିଅ ଲାଗିଲା ବୋଲି କହି ଚାଲିଲି । ମତେ ଲାଗିଲା ତାର ଏତେ ନିରବତା ଆଉ ତାକୁ ପାଗେଳି କରି ଦେବନି ତ ? ଯାହାବି ହେଲେ ମୋତେ ଜେଲ୍ ଯିବାକୁ ପଡ଼ିବ । ଚାଲିଗଲି, ରାତିସାରା ଆଖିରୁ ଶ୍ରାବଣର ଧାରା ପରି ଲୁହ ଗୁଡ଼ାକ ଝରୁଥାଏ । ଯେତେ ମନକୁ ବୁଝେଇଲେ ବି ମୋ ଝିଅ କଥା ଭାବି ଭାବି ମୋ ଛାତି ଫାଟିଗଲାପ ରି ଲାଗୁଥାଏ । ନିଦ ତ ଆସିବା ଦୂରର କଥା, ଭାବୁଥାଏ ମୋ ଝିଅ ବଞ୍ଚିବତ ? ମୋ ଦିନ ତ ସରି ଆସିଲାଣି, ହେଲେ ଭଗବାନ୍ ମୋ ଝିଅର ଦୁନିଆ ଭଲ କି ଦେଖିବା ପୂର୍ବରୁ ତା ଦୁନିଆ ଉଜୁଡ଼ି ଯିବ । ମୋ ନାତି କୁନି ପୁଅଟିର ଅବସ୍ଥା କଣ ହେବ ? ଗୋଟେ ସାଙ୍ଗରେ ଆମେ ତିନିଜଣ ଛନ୍ଦି ହେଇଯାଇଛୁ । ଏମିତି ଭାବିବା ଭିତରେ କାଳ ଅନ୍ଧାର କେତେବେଳେ ସରି ଯାଇଛି, ସୂର୍ଯ୍ୟ ତାଙ୍କର ରକ୍ତିମ ଆଭାରେ ଆକାଶଟାକୁ ରଙ୍ଗେଇ ଦେଲେଣି । ଧରଣୀ ରାଣୀ

ଚିକ୍‌ମିକ୍ ଆଲୋକ ରେ ଯେମିତି ସଜ-ବାଜ ହେଇ ସୁନ୍ଦର ଶାନ୍ତ ସରଳ ନାରୀଟି ପରି ଦେଖା ଯାଉଥାଏ । ପକ୍ଷୀ ସବୁ ବସା ଭିତରେ ଥାଇ ଟିକିଏ ଟିକିଏ କିଚିରି ମିଚିରି ଶବ୍ଦ କରୁଛନ୍ତି । ସକାଳ କୁ ସମସ୍ତଙ୍କ ଅପେକ୍ଷା, କାରଣ ସୂର୍ଯ୍ୟ ଆସିବା କ୍ଷଣି ସମସ୍ତେ କର୍ମଠ ହେଇଯିବେ । ସୁପ୍ତ ଧରିତ୍ରୀ ଜାଗ୍ରତ ହେବାରେ ତତ୍ପର, ହେଲେ ମୋର ସେମିତି କିଛି ପରିବର୍ତ୍ତନ ହେବାର ହିଁ ନାହିଁ । କାରଣ ମୋ ପାଇଁ ତ ରାତି, ଦିନ ସମାନ କାହିଁକି ନା ମୋର ଖାଇବା ଅଛି ନାଁ ପିଇବା ଅଛି ନାଁ ଅଛି ଡାକ୍ତର ଖାନା ଯିବାର, ନାଁ କାହାକୁ ମୁଁ ଆଉ ଦେଖି ପାରିବି, କୌଣସି କାର୍ଯ୍ୟ ମତେ କୋଉ ଅପେକ୍ଷା କରିଛି । ଏଇକଥା ଭାବି ଆଣ୍ଠୁ ଭିତରେ ମୁହଁଟାକୁ ଗୁଞ୍ଜି ଦେଇ ଛୋଟ ପିଲାଙ୍କ ଭଳି କଇଁ କଇଁ କାନ୍ଦୁଛି, ଧିର ଗଳାରେ ଶୁଭିଲା ବାପା । ମୋ ଝିଅର କଣ୍ଠ ପରି ଶୁଭିଲା, ଭାବିଲି ମୋ ମନରେ ଭ୍ରମ ନୁହେଁ ତ ? ମୁହଁ ଟିକୁ ଉଠେଇ ଦେଖିଲି ସତକୁ ସତ ମୋ ଧନ ଆସି ଠିଆ ହୋଇଛି ।

ପାଖକୁ ଗଲି ଦେଖିଲି ସେଦିନର ଭାଙ୍ଗି ପଡ଼ିଥିବା ଝିଅ ଆଜି ଏତେ ସାହାସୀ ପରି କେମିତି ଲାଗୁଛି । ତାର ବ୍ୟବହାର ସମ୍ପୁର୍ଣ୍ଣ ବଦଳି ଯାଇଛି । ମୁଁ ନିଜକୁ ବିଶ୍ୱାସ କରିପାରୁନି, ଏହା ସତ ନାଁ ସ୍ୱପ୍ନ । ମୋ ଲଭ୍‌ଲି ଡାକିଲା ବାପା, ସତରେ ମୁଁ ଆସିଛି । ମୋ ପାଖରେ ବହୁତ କମ୍ ସମୟ ଅଛି । ମୋ ପାଖକୁ ଆସ, ମୋତେ ଜମା ଅଧଘଣ୍ଟେ ପାଇଁ ତୁମ ସହିତ ଦେଖାକରିବାକୁ ପରମିସନ୍ ମିଳିଛି । ମୋ ପାଖରେ ବହୁତ କମ୍ ସମୟ ଅଛି, ମୁଁ ତା ପାଖକୁ ଗଲି ସେ ତାର ଖିର ଦୁଇଟାକୁ ଜାଲିପଟେ ଦେଖେଇ କହିଲା ବାପ. ମୁଁ ନିରୁପାୟ ତୁମକୁ ବଞ୍ଚେଇବାର ଆଉ କୌଣସି ଉପାୟ ମୁଁ ପାଇଲି ନାହିଁ । ଭଗବାନ ଯେଉଁ ଦଣ୍ଡ ମୋତେ ଦିଅନ୍ତୁ କି ଯୋଉ ପାପରେ ମୋତେ ଭାଗି କରନ୍ତୁ । ହେ ପ୍ରଭୁ ମୁଁ ତୁମର ସବୁ ଦଣ୍ଡ ପାଇଁ ପ୍ରସ୍ତୁତ କିନ୍ତୁ ମୋ ସାମନାରେ ମୋ ବାପାଙ୍କର ଏପରି ମୃତ୍ୟୁକୁ ମୁଁ କେବେବି ସହି ପାରିବିନି । ଆଉ ମୋ ମାର ସିନ୍ଦୂର ଓ ବିକଳ କାନ୍ଦଣା କୁ ମୁଁ କେମିତି ଦେଖିବି ? ମୋ ପାଇଁ ତୁମକୁ ବଞ୍ଚିବାକୁ ପଡ଼ିବ, ଆଉ ବେଶି ବୁଝେଇଲେ ସମୟ ସରିଯିବ । ମୋ ରାଣ ଯଦି ମୋତେ ଦେଖିବାକୁ ଚାହୁଁଛ, ତେବେ ଶିଘ୍ର ଖାଅ ନ ହେଲେ ତୁମ ମୃତ୍ୟୁ ପୂର୍ବରୁ ମୁଁ ବି ନ ଖାଇ ନ ପିଇ ମରିଯିବି । ମୁଁ ଆଉ ଯୁକ୍ତି କରିବାଟା ଠିକ୍ ହେବନି, ତେଣୁ ସବୁ ପରେ ମୁଁ ମାନିନେଲି, ତା ପରେ ସେ ସବୁଦିନ ରାତିରେ ତା କୁନିପୁଅକୁ ଖିର ନ ଦେଇ ସକାଳୁ ମୋ ପାଖକୁ ଧାଇଁ ଆସେ । ଆଉ ମତେ ପେଟଭରି ଖିର ଦେଇ ଚାଲିଯାଏ । କଡ଼ା ସିକ୍ୟୁରିଟି ସତ୍ତ୍ୱେ ଏମିତି ୩ ମାସ ହେଇଗଲା । ଜେଲରଙ୍କ ମନରେ ସନ୍ଦେହ ଆସିଲା ୩ ମାସ ହେଲାଣି ଲୋକଟି ବିଞ୍ଚିଛି କେମିତି ? ବେସିହେଲେ ନ ଖାଇ ନ ପିଇ ୧୫ଦିନ କି ମାସେ ଜଣେ ବଞ୍ଚିପାରିବ । ହେଲେ ଏହାର ରହସ୍ୟ କଣ ? ଖାଲି ଦେଖାକରିବାକୁ ତ ଝିଅଟି ଆସେ । ତାକୁ ଆମେ ବହୁତ ଚେକ୍ ଚାକ୍ କରି ଛାଡୁ ଆଉ ସେ କେମିତି ସୁସ୍ଥ ଅଛି ? ଆଜି ସେଇ ଝିଅଟି ଆସିବା ବେଳକୁ ଦୁଇଟି କନେଷ୍ଟବଳଙ୍କୁ ନିର୍ଦ୍ଦେଶ ଦେଲେ । ଝିଅଟି ଉପରେ ସଂପୂର୍ଣ୍ଣ ଭାବେ ନଜର ରଖିବ । ଦୁଇଜଣ ଜାକ ଏପରି ଦୃଶ୍ୟ ଦେଖି, ଆଶ୍ଚର୍ଯ୍ୟ ହେଇଗଲେ । ଆଉ କନେଷ୍ଟବଳ ଦୁଇଜଣ ଜେଲରଙ୍କୁ କହିଲେ । ଆଉ ଜେଲ୍‌ର ଦଣ୍ଡ ବିଧାନ ବଢ଼େଇ ଦେଲେ, ବାପ-ଝିଅ ଦୁଇଜଣଙ୍କୁ ଦଣ୍ଡ ଦିଆଯାଉ ବୋଲି କୋର୍ଟରେ ଜଣେଇଲେ । କୋର୍ଟରେ କେସ୍ ଚାଲିଲା ଜଜ୍ ଜଣଙ୍କ ଥିଲେ ସତରେ ଧର୍ମାବତାର, ସେ ତାଙ୍କ ରାୟରେ ଶୁଣାଇ ଲେ....

ନାରୀ ଯେତେବେଳେ ମା ହେଇଯାଏ, ସେ ଜଣଙ୍କୁ ସୃଷ୍ଟି କରିପାରେ ଆଉ ତାର ଦୁଇଧାର ଅମୃତରେ ଛୁଆଟିର ଜୀବନ ବଞ୍ଚାଇବା ସହ ପେଟ ଭରି ଖାଦ୍ୟ ଦେଇପାରେ । ତାହା କେବଳ ଗୋଟେ ମା ପକ୍ଷେ ସମ୍ଭବ । ଆଉ ମା ଯାହା ଖାଏ ତାର ଖାଦ୍ୟ ତାର ଶରୀରରେ ରୂପାନ୍ତର ହୋଇ ଅମୃତ ରୂପେ ତା ଛାତି ଦେଇ ଝରିଯାଏ । କେବଳ ମା ଟିଏ ହିଁ

ଅମୃତ ଦାନ କରିପାରେ । କାରଣ ଖିର ହେଉଛି ପଞ୍ଚାମୃତରୁ ଗୋଟିଏ ଅମୃତ । ଆଉ ଏ ଲୋକର ସଜା ତ ତାକୁ ମାରି ସାରିଛି । ଆଉ ମୃତ ଲୋକକୁ ସଜା ଦେବାକୁ ମୋର ଶକ୍ତି ଆସିଲା କେଉଁଠି ? ବେଶିହେଲେ ୧୫ଦିନ ଭିତରେ ତ ସେ ମରିଯାଇଥାନ୍ତା । ଆଉ ଦୋଷ କେଉଁଠି ରହିଲା ବାପା-ଝିଅଙ୍କ ନିବିଡ଼ ଭଲ ପାଇବାରେ ନାଁ ଦେବୀଟି ଅମୃତ ଦାନ କରିବାରେ । ଯଦି ସେହି ଅମୃତ ଦ୍ୱାରା କାହାର ଜୀବନ ରକ୍ଷା ହେଲା ଏବଂ ଜଣେ ମୃତ୍ୟୁର ଦ୍ୱାର ଦେଶରୁ ଝିଅଟି ବାପାଟିକୁ ଟାଣି ଆଣିଲା ଏଥିରେ ଅପରାଧ ରହିଲା କେଉଁଠି ? ତେଣୁ ମୁଁ ସେଇ ଝିଅ ରୂପେ ମା ଟିକୁ ତା ବାପାଙ୍କୁ ତାକୁ ଦେଇ ଦେଉଛି । ଆଉ ବାପା ପାଇଁ ଏଠିତ ବଡ଼ ପଦକ୍ଷେପ କେହିକେବେ ନେବା ମୁଁ ଶୁଣିନି । କୋଉ ପୁରାଣ ବି କୌଣସି ଏଭଳି ଆଶ୍ଚର୍ଯ୍ୟ ଓ ସାହାସ ଥିବା ନାରୀ ମୁଁ ଦେଖିନି । ସେହି ଝିଅକୁ ଲକ୍ଷେ ସଲାମ୍ । ତେଣୁ ସେହି ଯୋଗଜନ୍ମା ଝିଅ ରୂପକ ମାକୁ ମୋ ତରଫରୁ ତା ବାପାଙ୍କୁ ରାଜକ୍ଷମା ଦେଇ ନିର୍ଦ୍ଦୋଶରେ ଖଲାସ କରିଦିଆ ଯାଉ ।

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜଜ୍ କହିଲେ, ଆଜିର ଦୁନିଆ ଝିଅକୁ କୋଉ ଗୋବର ଖାତରେ ତ କୋଉ ଡଷ୍ଟବିନ୍ ରେ ଝିଅ ହେଲେ ଫୋପାଡ଼ି ଦେଉଛନ୍ତି । ହେଲେ ମୁଁ ଶୁଣିଥିଲି ପୁଅପରି ହେଇ କାହା ଝିଅ ପୋଲିସ୍ ହେଇଛି କି କାହାର ବାପା ମରିଯିବା ପରେ ଝିଅ ପ୍ରତିଶୋଧ ନେଇଛି, କି ଡାକ୍ତର, ଓକିଲ, ଜଜ୍ ହେଇ ନାଁ କରିଛନ୍ତି । ହେଲେ ଏ ବିରଳ ମା ଠିକ୍ ଧରିତ୍ରୀ ମାର ଅନ୍ୟଏକ ରୂପ । ମା ଧରିତ୍ରୀର ଯେମିତି ବାଛ, ବିଚାର ନାହିଁ । ଛାତିକୁ ଜନ ହିତପାଇଁ ଦୁଇଫାଳ କରିଦିଏ । ଆଉ ବୁଢ଼ା ଟୋକା, ଛୋଟ ଛୁଆକୁ ଆରମ୍ଭ କରି ଚୋର, ଦାଗି ପର୍ଯ୍ୟନ୍ତ ସମସ୍ତଙ୍କୁ ମା ତାର ଖାଦ୍ୟ ବାଣ୍ଟି ଚାଲେ । ଏ ମା ଟି ମୋର ଠିକ୍ ଧରିତ୍ରୀ ମା ପରି କୋଉ ରୂପରେ ତାକୁ କାହାସାଙ୍ଗରେ ଆଜି ସମାନ କରିବି ଭାଷା ପାଉନି । ପଥରଟି ଯେତେବେଳେ ଦେବୀରେ ପରିଣତ ହୁଅନ୍ତି, ବହୁତ ନିହାଣ ପାହାର ଖାଇ, ଖାଇ ଦେବୀ ରୂପେ ପୂଜା ପାଆନ୍ତି । ଆଉ ଯେତେବେଳେ ଆଶୀର୍ବାଦ ଦିଅନ୍ତି, କାହାକୁ ପୁତ୍ରବତୀ କରନ୍ତି ତ କାହାକୁ ଧନ୍ୟବାଦ୍ କରାନ୍ତି । ଆଉ କାହାର ଜୀବନ ଦାନ ଦିଅନ୍ତି । ଏଇ ଝିଅଟି ବାପା ଦୁଃଖରେ ପଥର ହେଇଯାଇ ଥିବା ଝିଅଟି ନିହାଣ ରୂପକ ନିନ୍ଦାକୁ ସହି ସହି ଅମୃତ ର ଧାର ଦେଇ ବାପାକୁ ବଞ୍ଚେଇ ପାରିଲା । ସତରେ ମା ହିଁ ଅମୃତ ପ୍ରଦାୟିନୀ । ମୋର ସମସ୍ତ ମାଙ୍କୁ କୋଟି କୋଟି ପ୍ରଣାମ । ଜଣେ ମା ଜୀବନ ଦାନ ଦେଇ ଥିବା ବାପାଟିକୁ ମୁଁ ବା କେମିତି ମାରି ପାରିବି ।

ଏହି ରାୟ ଶୁଣି ଆମେ ବାହାରକୁ ଆସିଲୁ । ଆଉ ମୋ ସାଙ୍ଗ ନରେନ୍ଦ୍ର ଆମକୁ ଯେମିତି କୋଉ ଜନ୍ମରୁ ଅପେକ୍ଷା କରିଛି ।

ମିଡ଼ିଆ ବାଲା ଆସି ମତେ ଘେରିଗଲେ । ସବୁ କହିବା ପରେ ସେ ପଚାରିଲେ ଡାକ୍ତରଙ୍କ ଉଦ୍ଦେଶ୍ୟରେ କିଛି ବାର୍ତ୍ତାଦିଅ, ତୁମେ ତ କର୍ତ୍ତବ୍ୟରେ ବହୁତ ଭଲ ଡାକ୍ତର ମୁଁ ତାଙ୍କୁ ଏତିକି ମୋର ବାର୍ତ୍ତାରେ କହିଲି,

ମୁଁ ଦୁନିଆକୁ ଆସିଛି, ଭଗବାନଙ୍କ ନିର୍ଦ୍ଦେଶରେ ଭଗବାନ ଦେଇଥିବା କାମକୁ ମୁଁ ମୋର ବ୍ରତ ରୂପେ ଗ୍ରହଣ କରିଛି । ମୁଁ ମୋ କର୍ତ୍ତବ୍ୟ କରୁ କରୁ ଯଦି କାହା ଭାଗ୍ୟ ସେଥିରେ ଯୋଡ଼ିହେଇ ଯାଏ, ଆଉ ମୁଁ ଦୋଷୀ ସାବ୍ୟସ୍ତ ହେଇଯାଏ ସେଇଠି ମୁଁ ବି କଣ କରିପାରିବି ? ହେ ଭଗବାନ ମୋତେ କ୍ଷମା କର, ମୋର ଆଜି ଟିକେ ଅସାବଧାନତା ଯୋଗୁଁ ମୁଁ ଦୋଷୀ ହେଇଗଲି, ପ୍ରତ୍ୟେକ ଡାକ୍ତର ରୋଗୀର ଭଗବାନ ଭଳି । ତେଣୁ ସମସ୍ତ ଡାକ୍ତର ପ୍ରଥମେ ଭାବିବା ଦରକାର କଷ୍ଟ ଯନ୍ତ୍ରଣାରୁ ରକ୍ଷା କରିବା ଆମର ଧର୍ମ, ବ୍ରତ, ଲକ୍ଷ୍ୟ ତେବେ ଯାଇ ଆମକୁ ଭଗବାନ ପଠେଇଥିବା ଉଦ୍ଦେଶ୍ୟ ଭଗବାନଙ୍କର ସଫଳ ହେବ । ଆଉ ପ୍ରତିଟି ଅମୂଲ୍ୟ ଜୀବନକୁ ବଞ୍ଚେଇ ବାକୁ ଚେଷ୍ଟାକରିବା ଦରକାର । ବହୁତ ଦେଖି ପରଖି ଖୁବ୍ ସତର୍କତାର ସହିତ କାମ କରିବା ଉଚିତ୍, କାରଣ ଗୋଟିଏ ଜୀବନ ଉପରେ

କେତେଜଣ ଯେ ନିର୍ଭର ତାହା ତୁମେ ସବୁବେଳେ ନଜର ରଖିବା ଦରକାର । ସବୁବେଳେ ରୋଗୀର ଚିତ୍କାର ଏବଂ ଯନ୍ତ୍ରଣାକୁ ନିଜକୁ ଭାବିବା ଦରକାର । ଆଜି ମୁଁ ରୋଗୀ ହେଇଥାନ୍ତି ଆଉ ସେ ଡାକ୍ତର ହେଇଥାନ୍ତା ନିଜେ କଷ୍ଟଟାକୁ ଉପଲବ୍ଧ କରିବା ଦରକାର । ପରିଶେଷରେ ଭଗବାନ ଆମକୁ ଜନ୍ମ ଦେଇନାହାନ୍ତି ସୁରମ୍ୟ ଅଟ୍ଟାଳିକାରେ ବିଳାସ ବ୍ୟସନ ଜୀବନ ବିତେଇବା କିମ୍ବା ଚାକଚକ୍ୟ ଦୁନିଆରେ ହଜିଯିବା ପାଇଁ, ପୁଳାଏ ଅର୍ଥ ଉପାର୍ଜନା କରିବା ପାଇଁ ଆମର ଜନ୍ମ ନୁହେଁ । ଏକ ଭିନ୍ନ ନିଃସ୍ୱାର୍ଥପର ଜୀବନ ତ୍ୟାଗର ଜୀବନ, କାରଣ ଆମେ ଜୀବନ ରକ୍ଷା କରୁ । ମା କୋଳକୁ ପୁଅ, ସ୍ତ୍ରୀକୁ ସ୍ୱାମୀର ଜୀବନ ଫେରାଇବା ଆମଦ୍ୱାରା ସମ୍ଭବ ହୋଇଥାଏ । ଏହା କଣ ଆମର ଗର୍ବ ନୁହେଁ । ତେଣୁ ଏହାକୁ କେବେ କୌଣସି ପଇସା ସାଙ୍ଗରେ ତଉଲିବାକୁ କୌଣସି ଡ଼ାକ୍ତର ମନରେ ନଆସୁ । ଜୀବନ ବଞ୍ଚେଇବାଠୁ ବଡ଼ କୋଠା, ବଡ଼ ଗାଡ଼ି ତୁଚ୍ଛ । ସବୁ ଡ଼ାକ୍ତରମାନେ ହୃଦୟଙ୍ଗମ କରିବାକୁ ମୋର ନିବେଦନା

ଆଉ ମୋ ଝିଅଭଳି ସବୁ ବାପା ଏବଂ ଝିଅକୁ ମୋର ଛୋଟ କଥା – ଝିଅମାନେ ହେଉଛନ୍ତି ଅମୂଲ୍ୟ ମୋତି । ମୋର ଏତିକି ଅନୁରୋଧ ଝିଅମାନଙ୍କର ଅପବ୍ୟବହାର କରା ନଯାଉ । ଯେପରି ଛୋଟବେଳେ କୋଉ ଝିଅକୁ ଗୋବର ଖାତରେ ତ, ପୁଣି ବଡ଼ ହେଲେ କାହାକୁ ଦଲାଲ୍‌ଙ୍କୁ ଟେକି ଦେଇ ବିଦେଶ ଚାଲାଣ ନ ହୁଅନ୍ତୁ । ସେମାନେ ଧର୍ଷଣର ଶିକାର ନ ହୁଅନ୍ତୁ । ସବୁ ଝିଅଙ୍କୁ ଦେବୀ ମାଙ୍କ ଶକ୍ତି ରୂପେ ସମସ୍ତଙ୍କର ଭାବନା ଆସୁ ।

ଝିଅମାନେ ମଧ୍ୟ ନିଜେ ଦୁଃଖ ଆସିଲେ କେବେ ଭାଙ୍ଗିଯାଅନି । ଦୁଃଖରେ ନିଜକୁ ଚିହ୍ନ ଏବଂ ଦୃଢ଼ ହୁଅ । ଶକ୍ତି ତୁମ ଭିତରେ ସର୍ବଦା ଅଛି । କେବଳ ଜାଗ୍ରତ କରିବା ତୁମର କର୍ତ୍ତବ୍ୟ । ତୋଫାନ୍‌ରେ ଲଢ଼ିକି ଖୁସିକୁ ସାଉଁଟ । ଜୀବନରେ କେବେ ହାରି ଯାଅନି । ଆଉ ଘଟିଯାଇଥିବା ଦୁଃଖକୁ ମନେପକେଇ ଆଜିର ସାହସ, ବଳ, ଶକ୍ତି ଓ ଖୁସିକୁ ନଷ୍ଟ ହବାକୁ ଦିଅନି ।

-ନୂଆପଡ଼ା, କଟକ




**R. S. TUTORIALS**

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !* *Admission Open !*

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

Contact : 9861462581, 9861816123

# ଅଭିଶପ୍ତା

**ଡଃ. ନିରୋଦ କୁମାର ମନ୍ତ୍ରୀ**

ଗାଁ ଟା ଯାକ ଲୋକ ସମସ୍ତେ ବ୍ୟସ୍ତ ! ନୂଆ ପୋଷାକରେ ଛୋଟ ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଆନନ୍ଦରେ ନାଚି ଯାଉଛନ୍ତି । ମାଇକ୍‌ରୁ ବାହାରି ଆସୁଛି ପୁରୁଣା ଭଜନ ଠାରୁ ଆରମ୍ଭ କରି ଆଧୁନିକ ଭଜନ ପର୍ଯ୍ୟନ୍ତ । ଅଭିଆଡି ଝିଅମାନେ ନିଜକୁ ସଜେଇ ହୋଇ ଦର୍ପଣ ସମ୍ମୁଖରେ ବାରମ୍ବାର ମୁହଁ ଦେଖୁଛନ୍ତି । ଯାତରା ପଡ଼ିଆରେ ବେଲୁନ୍ ବାଲା, ବୁଟ ବାଲା, ଗୁପ୍‌ଚୁପ୍ ବାଲା, ଚାଟ୍ ବାଲା, ବରାପିଆଜି ବାଲାଙ୍କ ଭିଡ଼ ଜମିଗଲାଣି । ଛୋଟପିଲା ଗୁଡ଼ାକ ଘରୁ ଜିଦ୍‌କରି ଯେଉଁ ଦୁଇଅଟଙ୍କା କି ଦଶଟଙ୍କା ଆଣିଥିଲେ ସବୁ କିଣା କିଣିରେ ବ୍ୟସ୍ତ । ମନେ ହେଉଛି ଗାଁ ଟା ଆଜି ଆନନ୍ଦରେ ଫାଟି ପଡୁଛି । ସବୁରି ମୁହଁରେ ହସ, କିନ୍ତୁ ହସ ନାହିଁ ମାଧବୀର । ଗାଁର ସବୁ ଆନନ୍ଦ ତା' ପାଇଁ ବନ୍ଦ, ଅବଶ୍ୟ ଚୌଧୁରୀ ବଂଶର କୁଳବଧୂ ସିଏ । ତା'ର ତ ପୁଣି ସଂସ୍କାର ରହିବା ସ୍ୱଭାବିକ । ନହେଲେ ଗାଁ ଲୋକେ ଭାବିବେ କ'ଣ ? କିନ୍ତୁ ଦୁଇବର୍ଷ ହେଲା ବାହା ହୋଇଛି । ସେ ବି ତା' ଗାଁ ମଧୁପୁରରେ ଥିବାବେଳେ ଏମିତି ଅନେକ ଯାତରାରେ ଭାଗନେଇଛି, ହସିଛି, ଖେଳିଛି, ନାଚିଛି ।

ମଧୁପୁର ଗାଁ ର ଜମିଦାର ମଙ୍ଗୁଳି ବାବୁଙ୍କ ଏକମାତ୍ର ଝିଅ ଥିଲା ମାଧବୀ । ଅଚଳାଚଳ ସମ୍ପତି । ଗୋଟିଏ ଝିଅ । ଭଗବାନ କୁଳ ରକ୍ଷାପାଇଁ ପୁଅଟିଏ ଦେଇନଥିଲେ । ସେଥିରେ ମଙ୍ଗୁଳି ବାବୁ ଦୁଃଖିତ ନଥିଲେ । ତାଙ୍କ ପାଇଁ ମାଧବୀ ଥିଲା ପୁଅ ପରି । ଯେତେବେଳେ ଯାହା ମାଗିଥାଏ ମାଧବୀ, ତାହା ତତ୍‌କ୍ଷଣାତ୍ ମିଳିଯାଏ । କ'ଣ ବା ଅଭାବ ? ଗାଁରେ ଯାତରା ହେଲାବେଳେ ସବୁ ଜିନିଷ ଯାତରା ପଡ଼ିଆରୁ କିଣିଆଣେ ମାଧବୀ । ଘର ଭରିହୋଇଯାଏ ରଙ୍ଗ ବେରଙ୍ଗର ପେଁକାଳି, ଖେଳଣାରେ । ସାଙ୍ଗସାଥୀମାନଙ୍କ ସଙ୍ଗରେ ଖେଳଣା ନେଇ ଦିନ ତମାମ ଖେଳିଥାଏ । ଏମିତି ଖେଳ କେବଳ ବାପଘରେ ସିନା, ତାହା କ'ଣ ଶାଶୁଘରେ ହେବ । ବାପଘରର ସ୍ୱାଧୀନତା କ'ଣ ଶାଶୁଘରେ ମିଳେ ?

ବିବାହ ବୟସ ହେବାରୁ ମଙ୍ଗୁଳିବାବୁ ଝିଅକୁ ବିବାହ ବନ୍ଧନରେ ବାନ୍ଧି ଦଅନ୍ତି ଗାଁ ପାଖ ହରିପୁର ଗାଁର ଭୀମ ଚୌଧୁରୀଙ୍କ ପୁଅ ସଙ୍ଗେ । ଚୌଧୁରୀ ବାବୁଙ୍କ ପୁଅ ଦେଖିବାକୁ ରାଜକୁମାର ପରି । ରୂପ ଯେମିତି ଗୁଣ ସେମିତି, ମାଧବୀ ଓ ଚୌଧୁରୀବାବୁଙ୍କ ପୁଅ ହେମନ୍ତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ହେମନ୍ତର ସ୍ନେହ ଓ ଭଲପାଇବାରେ ମାଧବୀ ଭୁଲିଯାଇଥିଲା ପିତୃସ୍ନେହ । ବିବାହ ପୂର୍ବରୁ ନାହେକେ କହୁଥିଲେ ଦୁଇଜଣଙ୍କର ରାଜଜୋଟକ, ପ୍ରକୃତରେ ସତ୍ୟ । ରାଜଜୋଟକ ନହେଲେ ଏଭଳି ସ୍ନେହ ଓ ପ୍ରେମ ଆସନ୍ତା ବା କାହୁଁ ? ବୋଧହୁଏ ଭଗବାନ ଏହି ସ୍ନେହକୁ ସହି ପାରିଲେନି। ବିବାହର ବର୍ଷେ ନପୁରୁଣ କେଉଁ ଏକ ଅଜଣାରୋଗରେ ଆରପାରିକୁ ଚାଲିଗଲେ ହେମନ୍ତ । ପରମ୍ପରା ଅନୁସାରେ ମାଧବୀ ହେଲା ବିଧବା । ସଧବାର ଆନନ୍ଦ ବିଧବାର ଯନ୍ତ୍ରଣା ନିକଟରେ ତୁଛ ମନେହେଲା । ସବୁଥାଇ ନଥିବାର ଅନୁଭବ କଲା ମାଧବୀ ।

ଏହି ବୈଧବ୍ୟର ପାଚେରୀ ଭିତରେ ସୀମାବଦ୍ଧ ହୋଇ ଅଣନିଶ୍ୱାସୀ ଜୀବନ ବିତାଉଛି ମାଧବୀ । ସଧବା ସମୟର ମାଧବୀ ଚେହେରାରେ କିଛି ପାର୍ଥକ୍ୟ ଆଣିନି ବିଧବାର ସମୟ କିନ୍ତୁ ମନରେ ଆଣିଛି ଅନେକ । ସେଥିପାଇଁ ଗାଁଟା ଯାକ ଆନନ୍ଦରେ ନାଚି ଉଠୁଥିବା ବେଳେ ମାଧବୀ ଘର କୋଣରେ ଆଖି ଲୁହ ଆଖିରେ ମାଡ଼ି ବସିଛି ନିସ୍ତେଜ୍ ହୋଇ । ଅବିବାହିତ ସମୟର ସବୁକିଛି ହସଖୁସି ଯେମିତି ଉଭେଇଯାଇଛି । ନିର୍ମଳ ଅକାଶର ଶୋଭା ପ୍ରତ୍ୟେକଙ୍କୁ ଆନନ୍ଦ ଦିଏ, କିନ୍ତୁ ମେଘଭରା ଆକାଶ କ'ଣ କାହାକୁ ଆନନ୍ଦ ଦିଏ ? ବଜ୍ରପାତର ଭୟ ସମସ୍ତଙ୍କୁ ଭୟଭୀତ କଲାପରି, ମାଧବୀର ବୈଧବ୍ୟ ପ୍ରତ୍ୟେକଙ୍କୁ ଭୟଭୀତ କରୁଥିଲା । ବିଧବାର କୁଆଡେ ଖୁସି ନାହିଁ । ସେ ନିଜ ସ୍ୱାମୀକୁ ଖାଇଛି । ତା'ର ପୁଣି ଖୁସି କ'ଣ ? ସେ ଗୋଟାଏ ଅଭିଶପ୍ତା, ଶୁଭକାର୍ଯ୍ୟ ତା' ପାଇଁ ମନା । ସେ ଧଳା ଶାଢ଼ୀର ଶୁଭ୍ରତା ଭିତରେ ମନ ଦୁଃଖର କାଳିମାକୁ ଘୋଡ଼ାଇ ରଖିଥାଏ । ଏହିଭଳି ମାଧବୀର ଜୀବନ । ଯାତରା

ପଡ଼ିଆ ନାଚଗୀତରେ କମ୍ପୁଥାଏ । କିନ୍ତୁ ମାଧବୀ ଘର ଭିତରେ ଏକା ଏକା ରହି ଦୁଃଖର ଦାବାନଳରେ ଜଳୁଥାଏ । ବୟସ କୋଡ଼ିଏ, ଯେଉଁ ବୟସର ଯୁବତୀମାନେ କେତେଯେ ହସଖୁସି ନହୁଅନ୍ତି । କିନ୍ତୁ ତା ପାଇଁ ସବୁକିଛି ମନା । ଯେଉଁ ଦିନଠାରୁ ତା' ମଥାରୁ ସିନ୍ଦୂର ଲିଭିଯାଇଥିଲା, ହାତର କାଚ ତୁଟି ଯାଇଥିଲା, ରଙ୍ଗିନ୍ ପୋଷାକ ବଦଳେ ପିନ୍ଧିଥିଲା ଧଳାଲୁଗା ଖଣ୍ଡେ । ଅସରନ୍ତି ଲୁହଧାର ଥିଲା ତା'ପାଇଁ ଚିର ସହଚର । ହୃଦୟର ଯୌବନ ଫିକା ପଡ଼ିଯାଇଥିଲା ।ଏମିତି ଏକ ବର୍ଷ ହେଲା ସମୟ ଚକ୍ରରେ ପେଶି ହୋଇଆସିଛି ମାଧବୀ ।

ଯାତ୍ରା ପଡ଼ିଆରେ ମାଧବୀର ଅନୁପସ୍ଥିତିକୁ ଅନୁଭବ କରିପାରିଥିଲା ବିଭୁ । ବୟସ ୨୫ । ସହରରେ ପାଠପଢ଼ୋ ଭଦ୍ର ଯେମିତି ଶାନ୍ତ ସେମିତି, ଗୁଡାଏ ପାଠ ପଢ଼ିଛି ବୋଲି ମନରେ ଅହଙ୍କାର ନାହିଁ । ଓ.ଏ.ଏସ୍. ପରୀକ୍ଷା ଦେଇ ଗାଁ କୁ ଆସିଛି । ହେମନ୍ତର ଅନ୍ତରଙ୍ଗ ବନ୍ଧୁ ବିଭୁ । ହେମନ୍ତର ବିବାହ ସମୟରେ ବିଭୁ ବରଯାତ୍ରୀ ହୋଇ ମାଧପୁର ଯାଇଥିଲା। ମାଧବୀକୁ ପ୍ରଥମେ ସେ ଦେଖିଥିଲା । ହସହସ ମୁହଁ ଦେଖି ହେମନ୍ତକୁ ଭଲ ପିଲାଟିଏ ପାଇଛୁ ବୋଲି କହିଥିଲା । ହେମନ୍ତଙ୍କ ଘରେ ସେ କେତେଥର ମାଧବୀ ସହ କଥାହୋଇଛି । କିନ୍ତୁ ହେମନ୍ତ ଚାଲିଗଲା ପରେ ମାଧବୀ ମୁହଁରୁ କେମିତି ସେ ସବୁ ହସ ଲିଭିଯାଇଥିବାର ବିଭୁ ଅନୁଭବ କରିଛି । ବିଭୁ ମନେ ମନେ ଏସବୁକୁ ନେଇ ନିଜ ଭିତରେ ଅନେକ ପ୍ରଶ୍ନ କରିଛି ?

କାହିଁକି ଏ ସମସ୍ତ ପରମ୍ପରା ଆମ ଭିତରେ ବାନ୍ଧିହୋଇ ରହିଛି ? କାହିଁକି ଗୋଟିଏ ପଦ୍ମପାଖୁଡାର ହସକୁ ବୈଧବ୍ୟର କାକର ବିନ୍ଦୁ ନଷ୍ଟକରି ଦେଉଛି ? ଯଦି ପୁରୁଷର, ସ୍ତ୍ରୀ ମରିଗଲା ତେବେ ପୁରୁଷ ଯଦି ନୂଆ ଘର ସଂସାର କରି ଖୁସିରେ ରହିପାରୁଛି, ତେବେ ନାରୀ ଜାତିକ୍ଷେତ୍ରରେ ତାହା କାହିଁକି ବାଧକ ସାଜିଛି ? ବିପତ୍ନିକ ଯଦି ପୁନର୍ବାର ସମାଜରେ ଖୁସିରେ ରହିପାରେ, ତେବେ ବିଧବା କାହିଁକି ରହିପାରେନା ? ନା ଏହା ଠିକ୍ ନୁହେଁ ? ସମାଜର ଏହି ଅନ୍ଧବିଶ୍ୱାସରେ ଅନେକ କଳିକା ଅସମୟରେ ବୃନ୍ତଚ୍ୟୁତ ହୋଇପଡୁଛନ୍ତି । କିନ୍ତୁ ଏ ପ୍ରଶ୍ନର ସମାଧାନ କ'ଣ ?

ଏମିତି ବାରମ୍ବାର ଭାବେ ବିଭୁ, ଦୁଃଖରେ ଭାଙ୍ଗିପଡେ । ସମାଜର ବଡ଼ପଣ୍ଡାମାନଙ୍କ ପ୍ରତି ତା ହୃଦୟରୁ ଆସିଥାଏ ନାହିଁନଥିବା ଘୃଣା । କିନ୍ତୁ ଏତେବଡ଼ ଅନ୍ଧ ବିଶ୍ୱାସର ଗଛଟାକୁ କ'ଣ ସେ ଏକା ଟାଳି ପାରିବ । ଦୀର୍ଘଶ୍ୱାସ ମାରିଥାଏ ବିଭୁ । ମାଧବୀର ଅନୁପସ୍ଥିତି ତାକୁ ଅଣନିଶ୍ୱାସୀ କରିଥାଏ । ଶେଷକୁ ସେ ଚାଲି ଚାଲି ହୋଇ ମାଧବୀପାଖକୁ ଯାଏ । ତା'ପୁଣି ସଂଯତ ସହକାରେ । ନଚେତ୍ ମାଧବୀର ଦୁଃଖ ପୁଣି ଅଧିକ ବଢ଼ିଯିବାର ସମ୍ଭାବନା ଥାଏ । ଯାଇ ଦେଖିଛି ମାଧବୀ ବସିଛି । ଏକାଲୟରେ ଚାହିଁ ରହିଛି କୃଷ୍ଣଚୂଡ଼ା ଗଛରେ ବସିଥିବା କପୋତ-କପୋତୀଙ୍କୁ । କପୋତ-କପୋତୀ ପରସ୍ପରକୁ ଚୁମ୍ବନ ଦେଉଛନ୍ତି । କିନ୍ତୁ ସନ୍ଧ୍ୟା ପୂର୍ବରୁ, ତା'ପରେ ତାଙ୍କର ବିଚ୍ଛେଦ । ଏହା ତ ବିଧିର ବିଧାନ । ମାଧବୀର ଆଖିଦୁଇଟିରୁ ବହିଚାଲେ ଲୋତକର ଧାରା । ବିଭୁର ଭାଉଜ ଡାକ ପଦରେ, ମାଧବୀ ପ୍ରକୃତିସ୍ଥ ହୋଇଯାଇଛି ।

– ବିଭୁ ! ତୁମେ କେତେବେଳୁ ଆସିଲଣି ?

– ତୁମେ ଯେବେ ଠାରୁ କପୋତ-କପୋତୀଙ୍କୁ ଦେଖି ଭାବୁକ ପାଲଟି ଯାଇଥିଲ ?

– ନାଁ ବିଭୁ ! ମୋର ଆଉ ଭାବୁକ ହେବାର ବୟସ ନାହିଁ ? କେବଳ ଚିନ୍ତାକରୁଥିଲି ? କେତେ ଖୁସି କପୋତ-କପୋତୀଙ୍କର, କିନ୍ତୁ ସନ୍ଧ୍ୟା ହେବାକ୍ଷଣି ଏମାନଙ୍କର ବିଚ୍ଛେଦ । କି କଷ୍ଟ ସତେ ଏମାନଙ୍କର ଜୀବନ । କେଉଁ ବିଧାତାଙ୍କର ଏହା ବିଧି ।

– ତୁମ କଥା !

– ଛାଡ଼ ବିଭୁ ! ଆମେ ତ ମଣିଷ ! ଆମର ନିୟମ କାନୁନ୍ ସମାଜ ଗଢ଼ୋ ଯାହା ଗଢ଼ିବ ତାହା ମାନିବାକୁ ଆମେ ବାଧ୍ୟ । ନମାନିଲେ କଳଙ୍କିନୀ, ବେଶ୍ୟା, ଏମିତି ଅନେକ ଶବ୍ଦର ବୋଝ ନେଇ ଜୀବନସହ ଲଢ଼ିବାକୁ ପଡ଼ିବ ।

– ତୁମେ କ'ଣ ଏମିତି ସହିଚାଲିଥିବ ଜୀବନ ସାରା !

– ସବୁକିଛି ସହିବା ହେଉଛି ବିଧବା ନାରୀର ପରିଚୟ । ଯେମିତି କାହାର ବିବାହରେ ଆମେ ଯୋଗ ଦେଇପାରିବୁନି, ଶୁଭ କାର୍ଯ୍ୟରେ ଆମେ ଲୁଚିରହିବୁ । ଆମେ କୁଆଡ଼େ ଅଲକ୍ଷଣୀ, ସ୍ୱାମୀଖାଇ, ଆମର ଉପସ୍ଥିତ ସବୁକିଛି ଶୁଭକାର୍ଯ୍ୟକୁ ଅଶୁଭ କରିଦିଏ । ସେଥିପାଇଁ ଅନ୍ଧାର ଘର ଭିତରେ ରହି ଝରକାରେ ଶୁଭାକାର୍ଯ୍ୟ ଦେଖୁ । ଦିନର ଆଲୋକ ଆମପାଇଁ ସ୍ୱପ୍ନ । ଆମେ ଅନ୍ଧକାରର ପେଚା । ଆମେ ଅଶୁଭ ।

ଏମିତି ହୃଦୟରେ କୁହୁଳୁଥିବା ବାସ୍ତବ ସତ୍ୟକୁ ଏକା ନିଶ୍ୱାସକେ ଅଜାଡ଼ିଦେଲା  ବିଭୁ ସମ୍ମୁଖରେ ମାଧବୀ । ବିଭୁ କେବେଳ କାବ୍‌ବା ହୋଇ ଶୁଣୁଥାଏ । ଏହି ନିରୀହ ଜୀବନର କାହାଣୀ ।

ତା' ଭିତରେ ଏସମସ୍ତ ଘଟଣା ଯେଭଳି ତୀକ୍ଷ୍ଣ ଛୁରିକା ଭେଦପରି ମନେହେଉଥାଏ । କିଛି କହି ଆସିବା ବେଳକୁ ମାଧବୀର ଭୋ ଭୋ କାନ୍ଦରେ ବିଭୁ ନିର୍ବାକ ହୋଇଯାଇଥିଲା । ଅନୁଭବ କରୁଥାଏ, ସତେଯେପରି ମାଧବୀର ଦୁଃଖର ବରଫ ପାହାଡ଼ ଟା ହଠାତ୍ ତରଳି ଗଲାପରି ।

– ତୁମେ କାନ୍ଦନା ଭାଉଜ !

– କାନ୍ଦିବାଟା ବାରିହୁଏ ହସଥିଲେ ବିଭୁ ! ଏବେତ ମୋ ପାଇଁ କାନ୍ଦିବା ଟା ଉଭୟ ହସ ଓ କାନ୍ଦ, ଖାଲି କେବଳ ଗୋଟାଏ ମାଦଳପରି ଖାଇପିଇ ଜୀବନ ନିର୍ବାହ କରୁଛି । ଅପେକ୍ଷା କେବଳ ବୟସର ଆଘାତକୁ ।

– ଘରେ କ'ଣ ତୁମର କୌଣସି କଥା ବୁଝୁ ନାହାନ୍ତି ?

– ହଁ ବୁଝୁଛନ୍ତି ! ଯେମିତି ପିଞ୍ଜରା ଆବଦ୍ଧ ଶୁଆ । ଭଲ କୋଳି, କ୍ଷୀର, ମିଠା ସବୁମିଳେ । ଶୁଆ ବି ଭଲ ରାମ ନାମ କହେ । ମା' ବାପା, ଭାଇ, ସବୁ କହେ । ପିଞ୍ଜରା ଭିତରେ ପର ଫଡ଼ ଫଡ଼ କରିଉଡେ । କିନ୍ତୁ ଆମେ ଭାବୁ ଆମ ଶୁଆଟା କେତେ କଥା କହିଲାଣି । କିନ୍ତୁ ଶୁଆର ମନର କଥା କ'ଣ କେହି ଜାଣିପାରେ ?

ବିଭୁ ଏ ସମସ୍ତ ଶୁଣି ଦୁଃଖରେ ଭାଙ୍ଗିପଡେ, ଯେତେବୁଝାଇଲେ ବି ମାଧବୀ ଯାତ୍ରାଦେଖିବାକୁ ରାଜି ହୁଏ ନାହିଁ । କାହିଁକି ନା ତା ପାଇଁ ଯାତ୍ରା ଦେଖିବା ମନା - ଭଗ୍ନ ହୃଦୟ ନେଇ ବିଭୁ ଫେରିଆସେ । ହୃଦୟରେ ଅନେକ ଭାବନା ଜମାଟ ବାନ୍ଧେ । ବିପ୍ଳବର ବହ୍ନି ପ୍ରଜ୍ୱଳିତ ହୋଇଯାଏ ବିଭୁର ହୃଦୟ ସାରା, ଯାତ୍ରାର ମାଇକି ଶବ୍ଦ ତା' ମନକୁ ଛୁଇଁ ପାରୁନଥାଏ, ପିଲାମାନଙ୍କର ପେଁକାଳି ଶବ୍ଦ ତାକୁ ବ୍ୟସ୍ତ କରୁନଥାଏ, ଏକ ମୁହାଁ ହୋଇ ଚାଲୁଥାଏ କିଛି ନୂତନ ସୃଷ୍ଟିର ଅନ୍ୱେଷଣରେ। ଯେଉଁ ସୃଷ୍ଟିରେ ନଥିବ ଏହି ଅନ୍ଧବିଶ୍ୱାସର କାଳିମା ।

ହଠାତ୍ ଏକ ହାବେଳି ବାଣର ବିକଟାଳ ଶବ୍ଦରେ ବିଭୁ ପ୍ରକୃତିସ୍ଥ ହୋଇଯାଇ ଦେଖେ ଯାତ୍ରା ପଡ଼ିଆରେ ତା'ର ଉପସ୍ଥିତି କୁ । ଆଲୁଅରେ ଆଖି ଝୋସି ହୋଇଯାଉଥାଏ । ବରା, ପିଆଜିର ବାସ୍ନାରେ ଚାରିଆଡ ଫାଟିପଡୁଥାଏ । ପିଲାମାନଙ୍କର ନାଚକୁଦରେ ବାପା ମା'ମାନେ ବେଶ ଆନନ୍ଦ ଅନୁଭବ କରୁଥାନ୍ତି ।

ଓଡ଼ିଆ ଅଧ୍ୟାପକ
କଟକ
ଯୋଗାଯୋଗ -୯୪୩୯୨୫୩୦୬୫

ସମ୍ପର୍କ ଏକ ସ୍ନେହର ଦଉଡ଼ିର ବନ୍ଧା ହୋଇ ଥାଏ

# ଭଙ୍ଗାଘର ଅଭଙ୍ଗା ମନ

ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

"ସେଥିରେ ନଥାଏ ସ୍ୱାର୍ଥ, ପରଶ୍ରୀକାତରତା, ନଥାଏ ବେଶୀ, କମ୍ ତଉଲିବାର ତରାଜୁ" କିନ୍ତୁ ଯଦି ଏହି ସଂପର୍କ ଭିତରେ ସ୍ୱାର୍ଥପରତା ପଶିଯାଏ ତେବେ ଏହା ହୋଇଯାଏ ଏକ କିଣାବିକାର ସଉଦା ।

ସେଦିନ ଭାରାକ୍ରାନ୍ତ ସ୍କୁଲ ବ୍ୟାଗକୁ କାନ୍ଧରେ ପକାଇ ଦୌଡ଼ି ଦୌଡ଼ି ସ୍କୁଲ ଗେଟ୍ ପାଖକୁ ଆସୁଥିଲା ଛଅ ବର୍ଷଞ୍ଜବୟସର ପିଲାଟିଏ । ସ୍କୁଲ୍ ଗେଟ୍ ପାଖରେ ନିର୍ଣ୍ଣିମେଷ ନୟନରେ ଖୋଜିଥିଲା ତାର ବାପା ଅନୀକେତଙ୍କୁ ।କେତେବେଳୁ ସ୍କୁଲର ଛୁଟି ବେଲ୍ ବାଜି ସାରିଲାଣି । ସବୁ ପିଲାମାନେ ପ୍ରାୟ ଯିଏ ଯାହା ସାଙ୍ଗରେ ଚାଲିଗଲେଣି କିନ୍ତୁ ଏକାକୀ ଠିଆ ହୋଇ ରହିଛି ପିଲାଟି । କେତେବଳେ ବାପା ଆସିବେ ? ନାଲିରଙ୍ଗର ଗାଡ଼ିଟିକୁ ସ୍କୁଲ୍ ଗେଟ୍ ପାଖର କଡ଼କୁ ରଖି ଯେତେବେଳେ ଅନୀକେତ ଏକ ଗାଡ଼ିରୁ ଓହ୍ଲେଇଲେ, ଏତେ ଡେରୀରେ ବାପାଙ୍କୁ ଦେଖି ବାପାଙ୍କ ଉପରକୁ ଖୁସିରେ ଚଢ଼ିଗଲା ପିଲାଟି । ତୁମେ କାହିଁକି ଏତେ ଡେରୀକଲ ଯେ ! ସ୍କୁଲ୍ କେତେବେଳୁ ଛୁଟି ହୋଇସାରିଲାଣି । ଦେଖୁନ ମୁଁ ଏ ଖରାରେ କେତେବେଳୁ ଠିଆ ହୋଇରହିଛି ଖାସ୍ ତୁମକୁ ଅପେକ୍ଷା କରି । ଏତେଗୁଡ଼ିଏ କଥାରେ ନିଜକୁ ଦୋଷୀ ମଣିଲେ ଅନୀକେତ । କୋଡ଼କୁ ଟେକିନେଲେ ପୁଅକୁ । ମୁହଁରେ କେତେ ଯେ ଚୁମ୍ବନର ରେଖା ଟାଣିଦେଲେ ଓ କାନଧରି କହିଲେ ବାବା ଆଉ ଏମିତି ଭୁଲ ହେବନି । ଆଜିପରା ବହୁତ ଭିଡ଼ଥିଲା ସେଥିପାଇଁ ମୋର ଡେରୀ ହୋଇଗଲା । ଏଥର କିନ୍ତୁ ଆଉ ଏମିତି ଭୁଲ୍ ହେବନି । ଦୂରରୁ ସ୍କୁଲ୍ କାନ୍ଥରେ ଆଉଜି ବସିରହି ଅନୀକେତ ବାବୁଙ୍କର ଏ ଦୃଶ୍ୟ ଦେଖୁଥିଲେ ରାଜକିଶୋରବାବୁ । ଚୁମ୍ବନଗୁଡ଼ାକ ସତେଯେମିତି ତାଙ୍କୁ ପରିହାସ କରି କହୁଥିଲା, ଏ ସ୍ନେହ ଶ୍ରଦ୍ଧା କେବଳ କିଛିସମୟ ପାଇଁ ଯାହା ଭିତରେ ମଣିଷ ନିଜର ଭଲପାଇବାର ଅଙ୍କକୁ କେବଳ କଷି ଚାଲିଥାଏ । ଦିନକେତେଟା ବିତିଗଲେ ପୁଣି ସେଦିନର ସେ ଅଙ୍କର ଧାରାଗୁଡ଼ିକୁ ଭୁଲିପକାଏ ।

ଚପଳମତି ଶିଶୁଟିକୁ ମଣିଷ କରିବାରେ କେତେ ଯେ କଷ୍ଟ କରିବାକୁ ପଡେ ପିତାମାତାଙ୍କୁ । ନିଜ ଖାଇବାରୁ ଖାଇବା ସାଇତି ରଖେ ମା, ନିଜ ପିନ୍ଧିବାରୁ ପଇସାକାଟି ଭଲପିନ୍ଧାଏ, ନିଜର ସୁଖକୁ ଜଳାଞ୍ଜଳୀ ଦେଇ ଅହର୍ନିଶ ପିଲାମାନଙ୍କର ଭବିଷ୍ୟତକୁ କଳ୍ପନାର ଆଖି ଦୁଇଟିରେ ଦେଖିବସନ୍ତି ପିତାମାତା । ସ୍ୱପ୍ନରେ ବିଭୋର ହୋଇଯାନ୍ତି ପିଲାମାନଙ୍କୁ ଖୁସିରେ ରଖିବାପାଇଁ । ପରିଶେଷରେ ସ୍ୱପ୍ନଗୁଡ଼ାକ ଭାଙ୍ଗିଯାନ୍ତି । ତା'ର ଭଲପାଇବାଗୁଡ଼ିକ ସେମିତି ଦରଦୀ ସ୍ମୃତିହୋଇ ରହିଯାନ୍ତି ତାଙ୍କ ହୃଦୟ ରୂପକ ଦର୍ପଣରେ । ଅତୀତର ସ୍ମୃତିଗୁଡ଼ିକ ସାଉଁଟି ହୋଇ ରହିଯାନ୍ତି ହୃଦୟ ଦଲିଲ୍‌ରେ । ନିଜର ହଜିଲାଦିନକୁ ସାଉଁଟୁଛନ୍ତି ରାଜକିଶୋର ବାବୁ ।

ସେଦିନଥିଲା ସେପ୍ଟେମ୍ବର ପାଂଚଞ୍ଚତାରିଖ ସଅଳ ସଅଳ ନିତ୍ୟକର୍ମସାରି ଘରୁ ବାହାରିଗଲେ ରାଜକିଶୋର ବାବୁ । ଆଜିପରା ଗୁରୁଦିବସ । ବିଦ୍ୟାଳୟର ଗୁରୁପୂଜା ହେବ । ପିଲାମାନେ କେତେ କ'ଣ ଗୁରୁମାନଙ୍କ ଉପରେ ଭାଷଣ ଦେବେ । ଫୁଲମାଳପିନ୍ଧାଇ ଦେବେ । ଆଜି ତାଙ୍କ ଗୋଡ଼ ତଳେ ଲାଗୁନି । ବାଟରେ ସାଇକେଲରେ ଯିବାବେଳେ ହଠାତ୍ ସେଦିନ କେମିତି ଅନ୍ୟମନସ୍କ ହୋଇ ପଡିଲେ ସେ । ଆଗରୁ ଜୋର୍ କରି ମାଡ଼ିଆସୁଥିବା ଟ୍ରକ୍‌କୁ ଦେଖି ନିଜର ଭାରସାମ୍ୟ ହରାଇ ଗଡିପଡିଲେ ସେ ସାଇକେଲ୍‌ରୁ ତଳକୁ । ନିର୍ଦ୍ଦୟ ଟ୍ରକଟା ମାଡିଗଲା ତାଙ୍କ ଉପରେ । ନିଜକୁ କିଛି ସମୟପରେ ଆବିଷ୍କାର କଲେ ସେ ଡାକ୍ତର ଖାନାରେ । ବିଧିର ବିଧାନ ଯାହା ତାହାହିଁ ଘଟିଯାଏ । ମଣିଷ ଯାହାଭାବେ ଭଗବାନ ତାହା ଚାହାଁନ୍ତିନି ଓ ଭଗବାନ ଯାହା ଚାହାଁନ୍ତି ମଣିଷ କିନ୍ତୁ ତାହା ମାନିବାକୁ ନାରାଜ । ସେଥିପାଇଁ ପ୍ରତିଟି ସମୟ ଗୁଡ଼ାକ ବି କେମିତି ଆଶାତୀତ ଭାବେ ଓଲଟ ପାଲଟ ହୋଇଥାଏ । ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଏକାକାର ହୋଇ ଭଗବାନଙ୍କୁ ଡାକୁଥାନ୍ତି ବାପାଙ୍କର ଆରୋଗ୍ୟ କାମନା କରି । ଦୀର୍ଘ ଦିନର ପ୍ରଚେଷ୍ଟା ପରେ ସେଦିନ ଡାକ୍ତର ବାବୁ ଘୋଷଣା କରିଥିଲେ ଯଦିଓ ଦୁର୍ଘଟଣା ପରେ ତାଙ୍କର ଅନ୍ୟାନ୍ୟ ସମସ୍ୟା ସୁଧୁରିଗଲାଣି କିନ୍ତୁ ଡାହାଣ ଗୋଡଟି ପୁରାପୁରି ଅକାମୀ ହୋଇଯାଇଛି । ସେଥିପାଇଁ ସେ ଗୋଡଟିକୁ କାଟିବାକୁ ପଡ଼ିବ । ଅପ୍ରିୟ ସତ୍ୟହେଲେ ମଧ୍ୟ ସେଦିନ ସତ୍ୟତାକୁ ମାନିନେଇଥିଲେ ରାଜକିଶୋର ବାବୁ । ମୋର

ଗୋଟିଏ ଗୋଡ଼ କଟିଗଲେ କ'ଣହେଲା ମୋ ପାଖରେ ପରା ମୋର ଦୁଇଟି ପୁଅ ଅମ୍ଳାନ ଓ ଅଶ୍ଳେଷ ଅଛନ୍ତି । ତାଙ୍କ ଗୋଡ଼ରେ ମୁଁ ଠିଆ ହେବି । ତେଣୁ ଭାଙ୍ଗିଯାଇଥିବା ମନକୁ ଯୋଡ଼ି ଦେଇ ପୁଣି ବଂଚିବାର ରାହା ଖୋଜିଥିଲେ ସେ । ଏ ଡାଳ ଭାଙ୍ଗିଲେ ସେ ଡାଳକୁ ଧରି ବଂଚିବାକୁ ତ ଜୀବନ କୁହନ୍ତି । କାହିଁକି ନା ମଣିଷ ଭାରି ଭଲପାଏ ତା ଜୀବନକୁ ତା'କୁ ବଂଚିବାକୁ ହେଲେ ସେ ଯେ କେଉଁ ବାଟବି ଆଦରି ନିଏ ।

ଦିନ କେତେଟା ପୁଅବୋହୂ ନାତି ନାତୁଣୀଙ୍କ ମେଳରେ ହସ ଖୁସିରେ ରହି ନିଜର କଟାଯାଇଥିବା ଗୋଡ଼ଟିକୁ ଭୁଲିଗଲେ ସେ । ଅହର୍ନିଶ ସେବା ଯାହା ଭିତରେ ଭୁଲିଯିବାକୁ ଲାଗିଗଲେ ସେ ତାଙ୍କର ଗୋଟେ ଗୋଡ଼କୁ ହରେଇଛନ୍ତି । ମଣିଷ ଯେତେବେଳେ ସୁଖ ଭିତରେ ଥାଏ ପୁରୁଣା ଦୁଃଖଗୁଡ଼ିକ ତାକୁ ଝପ୍‌ସା ହୋଇ ଦେଖାଯାଏ । ସେଗୁଡାକ ଭୁଲି ଯିବାକୁ ତା'କୁ ବହୁତ କମ୍ ସମୟ ଲାଗେ ।

ସମୟଗୁଡ଼ାକ ବାସ୍ତବ ହୋଇ ଅତିକ୍ରାନ୍ତ ହୋଇଯାନ୍ତି ମଣିଷ ମୁଣ୍ଡ ଉପରେ । ସମୟ ବଦଳେ ତା ସହିତ ଅମାନିଆ ମନଗୁଡ଼ାକ ବି କେମିତି ବଦଳିଯାନ୍ତି । ଭଲପାଇବାଗୁଡ଼ିକ କ୍ରୂରତା ହୋଇଯାନ୍ତି ଯଦି ସମ୍ପର୍କର ସୂତାଖିଅଟେ ଛିଣ୍ଡିପଡେ । ସେଦିନ ହଠାତ୍ ବିଛଣାରେ ଶୋଇଥିବା ବେଳେ ପାଖଘରୁ ଦୁଇପୁଅ କଥା ହେବାର ଶୁଣିଲେ ରାଜକିଶୋର ବାବୁ । ଆଉ କେତେଦିନ ଏ ବୁଢ଼ା ଆମ ବେକରେ ବନ୍ଧାହୋଇଥିବ । କରିବାର ଗୋଟେ ସୀମା ଅଛି ମୁଁ ଆଉ ଏତେ ସେବା ଯତ୍ନ କରିପାରିବିନି । ମୋର ବି ବୟସ ହେଲାଣି । ତା ସାଙ୍ଗକୁ ପିଲାଛୁଆଙ୍କ ପାଠପଢ଼ା, ଘରର ଦାୟିତ୍ୱ, ଚାକିରୀକାମ ଏସବୁ ମୁଁ ଆଉ ଏକାକୀ କରିପାରିବିନି । ଏମିତି ଏକା ନିଶ୍ୱାସରେ କେତେକ'ଣ କହିଗଲେ ଅମ୍ଳାନ । ଅଶ୍ଳେଷ ବି ନିଜର ମନକଥାଗୁଡାକ କହିପକାଇଲେ ଭାଇ ପାଖରେ ଓ ପରିଶେଷରେ ସ୍ଥିର ନିଶ୍ଚିନ୍ତ କଲେ ଯେ ବାପାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେବେ । ସେଠି ସେ ଭଲରେ ରହିବେ । ଆମର ଆଉ କିଛି ଦାୟିତ୍ୱ ନଥିବ । ଆମ୍ଭେ ପ୍ରତି ମାସରେ ଯାଇ ତାଙ୍କ ଭଲମନ୍ଦ ବୁଝି ଆସିବା । ଏହି ପଦିକ କଥା ଶୁଣି ନିସ୍ତବ୍ଧ ହୋଇପଡିଲେ ରାଜକିଶୋରବାବୁ । ପାଦତଳୁ ମାଟି ପୁଳାଏ ଖସିଗଲା ପରି ଲାଗିଲା । ଆକାଶ ଟା ଛିଣ୍ଡି ପଡିଲା ପରି ଲାଗିଲା ମୁଣ୍ଡ ଉପରେ । ଏ କ'ଣ ଶୁଣୁଛନ୍ତି ସେ ? ଏଇ କ'ଣ ମୋର ଭଲ ପାଇବାର ପୁରସ୍କାର ? ରାତିରାତି ଆମେ ବାପାମାଆ କେତେ ଯେ ନ ଶୋଇ ଅନିଦ୍ରା ହୋଇଛୁ ତାଙ୍କୁ ମଣିଷ କରିବାକୁ । କେତେଥର ଭୋକ ଉପାସରେ ରହିଛୁ । ତାଙ୍କ ପାଇଁ ଘର ତୋଳିବା ପାଇଁ କେତେ ଲହୁଲୁହାଣ ନ ହୋଇଛୁ । ଆଗେ ଆମ ପିଲା ଭଲରେ ରହିବେ ସେତିକି ଆମର ଖୁସି । ନିଜର ରକ୍ତକୁ ଏକାକାର କରି ଯେଉଁ ଘରଟିଏ ତିଆରି କରିଛୁ ସେଇଠି ବି ରହିବାର ଅଧିକାର ନାହିଁ ମୋର, ଧିକ୍ ଏପରି ପିତୃତ୍ୱକୁ । ଏଇଟାତ ଘରନୁହେଁ ଏଠି ମୋତେ ଯମ ଯନ୍ତ୍ରଣା ଭୋଗିଲାପରି ଲାଗୁଛି । ଶୁଣିଥିଲି ଏଇଠି ସ୍ୱର୍ଗ ଏଇଠି ନରକ । ଆଜି ତାଙ୍କୁ ଅନୁଭବ ମଧ୍ୟ କରୁଛି । ସେଦିନ ରାତିରେ ଆଉ ନିଦ ଆସିନି ଆଖିକୁ ।

ସକାଳର ସୂର୍ଯ୍ୟଟା ସେଦିନ କେମିତି ନୂଆ ନୂଆ ଲାଗୁଥିଲା । ସକାଳୁ ସମସ୍ତେ ଉଠି ନିଜ ନିଜ ନିତ୍ୟକର୍ମରେ ବ୍ୟସ୍ତ । ସବୁକିଛି ସ୍ୱାଭାବିକ୍ ଥିଲା କିନ୍ତୁ ବ୍ୟତିକ୍ରମ ଲାଗୁଥିଲା ଘରେ ସମସ୍ତଙ୍କୁ । ଆଜି କ'ଣ ବାପା ଏତେବେଳ ଯାଏ ଉଠି ନାହାଁନ୍ତି ? ସେ ତ ସଅଳ ଉଠନ୍ତି । ଅନେକ ସମୟ ଅତିକ୍ରାନ୍ତ ହେଲାପରେ ଅମ୍ଳାନ ବାପାଙ୍କ ଘରଭିତରକୁ ଗଲେ । ବାପାଙ୍କର ଉଠିବାର ବିଳମ୍ବତାକୁ ଜାଣିବା ପାଇଁ । କିନ୍ତୁ ହାୟ ବାପାଙ୍କ ବଦଳରେ ଆବିଷ୍କାର କଲେ ବାପାଙ୍କର ହାତଲେଖା ଚିଠିଟିକୁ । ଯେଉଁଥିରେ ଲେଖାଥିଲା.......

ଗଛଟିଏ ଛୋଟ ଥିଲାବେଳେ ତା'ର ମନରେ କେତେ ଭାବନା ଥାଏ, ମୋ ଦେହରେ କିଶଳୟ ହେବ, ନବପଲ୍ଲବିତ ଡାଳରେ ବୃନ୍ତଟି ନବପୁଷ୍ପିତ ହେବ । ବୃକ୍ଷସାରା ଫଳର ସମ୍ଭାର ରେ ମୋ ଦେହ ଭରପୂର ହୋଇଯିବ । ସବୁ ସ୍ୱପ୍ନ ତ ଦିନେ ସାକାର ହୋଇଯାଏ, ଛୋଟ ଚାରାଗଛରୁ କଅଁଳିଆ ପତ୍ର ହୁଏ, ବୃନ୍ତରେ ଫୁଲ ଫୁଟେ, ଫଳ ସମ୍ଭାର ହୁଏ, ଫଳ ହେବା ପର୍ଯ୍ୟନ୍ତ ମଣିଷ ତାକୁ ଆଦର ଯତ୍ନ କରିଥାଏ କିନ୍ତୁ ଫଳ ହେଲାପରେ ତା'କୁ ମିଳେ କେବଳ ଫୋପଡ଼ ଓ ପଥର ମାଡ଼ । ଯେଉଁ ମାଡ଼ ତା ମନରେ ଅସହ୍ୟ ଯନ୍ତ୍ରଣା ଭରିଦିଏ । ପରିଶେଷରେ ସେ ଭାବେ ମୁଁ ଖାଲିଫଳ ବିହୀନ ଗଛଟିଏ ହୋଇଥାନ୍ତି କି ?

॥ ଇତି ॥ '

ଶେଷକଥା ଏକ ବୁଢ଼ା ବରଗଛର"

ଅଧ୍ୟାପିକା, ଓଡିଆ ଭାଷା ସାହିତ୍ୟ ବିଭାଗ
ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ

# ମନ ବୁଝେ ମନର କଥା

ସୁପ୍ରିୟା ସାହୁ

ମୋର ପରିଜନମାନଙ୍କୁ ଦେଖିଲେ ଭାରି ଆପଣାର ଲାଗେ ଇଚ୍ଛା ହୁଏ ଆଗକୁ ଯାଇ ଦିପଦ ଦୁଃଖସୁଖ ହେବାକୁ, କିନ୍ତୁ ଚାହିଁଲେ ବି ଯାଏନି, ଲୁଚିଯିବାକୁ ଇଚ୍ଛା ହୁଏ । ମୁଁ ଯେତେ ଲୁଚେଇବାକୁ ଚାହିଁଲେ ମଧ୍ୟ ମୋ ନାଁଟା ମତେ ଲୁଚାଇ ଦିଏ ନାହିଁ । ଜନ୍ମ ହେଲାପରେ ସମସ୍ତେ ନାଁ ପାଇଥାନ୍ତି କିନ୍ତୁ ମୋ ଭାଗ୍ୟ, ମୋ ନାଁ ମୋ ମା ପେଟରୁ ଯୋଡ଼ା ହୋଇଛି । ନାଁଟା ଦେବସ୍ମିତ ହେଲେ ମଧ୍ୟ ମତେ ସମସ୍ତେ "ଛୋଟା' ବୋଲି ଡାକିଥାନ୍ତି, କାରଣ ମୋର ବାଁ ପାଖର ଗୋଡ଼ଟା ଅସମ୍ପୂର୍ଣ୍ଣ ଥିବାରୁ ମୁଁ ଟିକେ ଛୋଟେଇ ଚାଲେ । ତେଣୁ ଘରୁ ବାହାର ପର୍ଯ୍ୟନ୍ତ ସମସ୍ତେ ମତେ ଛୋଟା ବୋଲି ଡାକନ୍ତି । କିନ୍ତୁ ମୋର ମା' ବାପା ଚାହିଁଲେ ବି ନୀରବ ରହିଥାନ୍ତି । ଅନ୍ୟ ଉପାୟ ନପାଇ ବାପା ବହୁତ ଡାକ୍ତର ଦେଖାଇଲେ କିନ୍ତୁ ହାରିଗଲେ, ଶେଷରେ ଥକ୍‌କା ହୋଇ ମତେ ସବୁବେଳେ କୁହନ୍ତି ତୁ ବଡ଼ ହେଲେ ଡାକ୍ତର ହେବୁ ଆଉ ନିଜଗୋଡ଼କୁ ନିଜେ ଠିକ୍ କରିବୁ।

ସମୟ ବଦଳି ଚାଲିଲା, ବୟସ ବି ବଢ଼ି ଚାଲିଲା, ବାପାଙ୍କ ସ୍ୱପ୍ନ ପୂରଣ ହେଲା । କିନ୍ତୁ ବାପା ସବୁଦିନ ପାଇଁ ଛାଡ଼ି ଚାଲିଗଲେ । ଜୀବନ ରାସ୍ତାରେ ଏକା ଏକା ଚାଲିବାକୁ କଷ୍ଟହୁଏ, ମୋର ସେହି ରୋଗୀଣା ମା'କୁ ନେଇ । ହସ ଲାଗେ ଯେତେବେଳେ ମୋ ସାଙ୍ଗମାନେ ମତେ ଚିଡ଼ାନ୍ତି କୌଣସି ଝିଅ ସହିତ ମୋ ନାଁକୁ ଯୋଡ଼ିକରି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହଷ୍ଟେଲରେ । କିନ୍ତୁ ଯୌବନର ସମୟରେ ଅନେକ ଝିଅକୁ ନେଇ ମୁଁ ବହୁତ ସ୍ୱପ୍ନ ଦେଖେ । କିନ୍ତୁ ସମୟର ସ୍ରୋତରେ ସମସ୍ତ ହାତଛଡ଼ା ହୋଇଯାଆନ୍ତି । ମନେ ପଡେ ଆମ ଗାଁର ବାଲ୍ୟବନ୍ଧୁ ବିଶୁ କଥା, ସେ ମତେ କହେ ଝିଅମାନେ, ଭଲଘର ଦେଖନ୍ତି ନହେଲେ ଭଲ ବର ଦେଖନ୍ତି । ଏ ଦୁଇଟା ଯାକତ ମୋ ପାଖରେ ନାହିଁ । ବାପାଥିଲେ ସାଧାରଣ କୃଷକ । ଜମିରୁ ଯାହା ଆସେ ଆମର ଖର୍ଚ୍ଚରେ ଉଣା ହୁଏ । ପୁଣି ମୋ ପାଠ ପଢ଼ା ବେଳରେ ବାପାତ ଅଧାରୁ ଅଧିକ ଜମିବାଡ଼ି ବିକି ସାରିଛନ୍ତି । ସମ୍ବଳ କହିଲେ ଗୋଟିଏ ଛୋଟ ଇନ୍ଦିରା ଆବାସ ଯୋଜନାର ଘର । ଆଜି ମୁଁ ରୋଜଗାର କରିବାରୁ ଆଉ ଟିକେ ବଡ଼ କରି ଘର କରିଛି । କିନ୍ତୁ ସେ ଘରକୁ କଣ ଏ ପାଠ ପଢୁଆ ଝିଅମାନେ ପସନ୍ଦ କରିବେ । ସେ ଯାହା ହେଲେ ଆମ କଲେଜର ଜୁନିୟର ଝିଅଟା କିନ୍ତୁ ମୋର ଭିନ୍ନକ୍ଷମକୁ ପ୍ରାୟ ନାପସନ୍ଦ କରେନି । ସେତ ମୋ ସାଙ୍ଗରେ ବହୁତ ସମୟ ଧରି କଥା ହୁଏ । କାରଣ ମୁଁ ବୁଝି ପାରେନା, ସେ କ'ଣ ଆମ ଗାଁର ବଇଦଙ୍କ ଝିଅ ସୁମିପରି ହେବ ।

ସୁମି ଆଉ ମୁଁ ଏକା ସାଙ୍ଗରେ ଗୋଟିଏ ଚାଟଶାଳୀରେ ପଢୁଥିଲୁ। ଦଶମ ପାସ୍ ପର୍ଯ୍ୟନ୍ତ ସେ ମୋ ସାଙ୍ଗରେ ପଢୁଥିଲା । ସେ ମୋର ପ୍ରଥମ ପ୍ରେମ ଥିଲା । ତାକୁ ନେଇ ମୁଁ ଅନେକ ସ୍ୱପ୍ନ ଦେଖୁଥିଲି । ଆଜି ପର୍ଯ୍ୟନ୍ତ ତାର ହାତ ଲେଖା ଚିଠି ଗୁଡ଼ିକ ମୋ ପାଖରେ ଅଛି । କିନ୍ତୁ କଲେଜ ପଢ଼ିଲା ବେଳକୁ ସୁମି ମୋ ଠାରୁ ଅଲଗା ହେଇଗଲା । ସେ ଗାଁ କଲେଜରେ ପଢ଼ିଲା ଆଉ ମୁଁ କଟକର ରେଭେନ୍ସା କଲେଜରେ ସାଇନ୍ସ ପଢ଼ିଲା । ସୁମି ବଡ଼ ହେବା ସଙ୍ଗେ ସଙ୍ଗେ ବହୁତ ସୁନ୍ଦର ଦେଖାଯାଉଥିଲା, ତାର ଅନେକ ସାଙ୍ଗଥିଲେ । ତା'ର ସାଙ୍ଗ ମଧୁ ଆମ ଭିତରେ ଥିବା ସମ୍ପର୍କ ବିଷୟରେ ସବୁ ଜାଣିଥିଲା, ସେ କଲେଜରେ ସବୁ କଥା ଅନ୍ୟ ସାଙ୍ଗମାନଙ୍କୁ କହିଥିଲା । ତା'ପରେ ମୋ ନାଁରେ ସମସ୍ତେ ତାକୁ ଛୋଟାକୁ ଛୋଟି ବୋଲି ଡାକୁଥିଲେ । ଏହାସହିତ କହୁଥିଲେ- ଅନ୍ଧ ରାଜା ଧୃତରାଷ୍ଟ୍ର ପାଇଁ ତାଙ୍କ ରାଣୀ ଗାନ୍ଧାରି ଯେପରି ସବୁଦିନ ପାଇଁ ନିଜ ଆଖିରେ ପଟି ବାନ୍ଧି ଦେଇଥିଲେ, ତେଣୁ ତୁ ଯାଇ ଗୋଟିଏ ଗୋଡ ଭାଙ୍ଗି ଦେ ତୋ ଛୋଟା ସାଙ୍ଗରେ ଛୋଟି ଭଲ ମ୍ୟାଚ କରିବ । ଅନେକ କଥା ଶୁଣି ଶୁଣି ସୁମି ବିରକ୍ତ ହେଉଥିଲା, ସତେଯେପରି ଏହା ଥିଲା ଆମ ସମ୍ପର୍କର ବିଡ଼ମ୍ବନା । ଦିନେ ସକାଳେ ସୁମି ମତେ ଡାକି ପଚାରିଥିଲା, ଆଉ କେତେଦିନ, କେତେ ଦିନ ? ମୁଁ ଆଉ ସହି ପାରୁନି । ମୁଁ ପଚାରିଲି କ'ଣ ହେଲା ମତେ ଟିକେ ଖୋଲିକରି କହ ? ସେ ଜବାବ ଦେଲା ସମସ୍ତେତ ମତେ ତମ ଲାଗି ଚିଡାଉଛନ୍ତି । ମୁଁ ଆଉ ସହିପାରୁନି । ଆଉ ଏ ତ ସତକଥା ତମେ ତ ଭିନ୍ନକ୍ଷମ ଅଟ । ଆଉ କେତେଦିନ ତମ ହାତ ଧରି ଚାଲିବ ଯିଏ ତ ନିଜ ଗୋଡ଼ରେ ଚାଲି ପାରୁନି ।

ମତେ ଲାଗୁଛି ମୁଁ ଏ ସର୍ମ୍ପକ ରଖିବାର ଆଉ କୌଣସି କାରଣ ନାହିଁ ।

ବହୁତ ସମୟ ଅନୁଭବ କଲି ଭାବିଲି, ସତ୍ୟ ସବୁବେଳେ ସତ୍ୟ, ତା ଠାରୁ ଆମେ ଦୂରେଇ ଯାଇ ପାରିବା ନାହିଁ। ରାତିରେ ଶୋଇ ପାରିଲି ନାହିଁ । ସୁମି ଠାରୁ ବିଛେଦ କିନ୍ତୁ ଛାତିକୁ ପଥର କରି ଗୋଟିଏ ଚିଠି ଲେଖିଲି ଆମର ସମ୍ପର୍କର ପୂର୍ଣ୍ଣଛେଦ ପାଇଁ । ତା ପରଠାରୁ ଆଉ ସୁମି ସାଙ୍ଗରେ କିଛି ସମ୍ପର୍କ ନଥାଏ ।

କିନ୍ତୁ ମୋ ମନରେ ଅନେକ ଆଶଙ୍କା ଆସେ ଡର ଲାଗେ ସୁନନ୍ୟା ସାଙ୍ଗରେ କଥା ହେବା ପାଇଁ, କାରଣ ସେ ଖାଲି ସୁନ୍ଦର ନୁହେଁ ଭଲ ଛାତ୍ରୀ ମଧ୍ୟ । ସେ ମେଡ଼ିକାଲ କଲେଜରେ ସବୁବେଳେ ଆଗଧାଡ଼ିରେ ଛିଡ଼ା ହେଉଥିଲା । ସେ ଯାହା ହେଉନା କାହିଁକି ମୁଁ ତା ସାଙ୍ଗରେ ବନ୍ଧୁତା ରଖିବି କିନ୍ତୁ ମୋ ମନର କଥା ତାକୁ କେବେ କହିବି ନାହିଁ । ଯଦି ତା' ମନରେ କିଛି ଥାଏ ସେ ଆଗ କହୁ ନହେଲେ ମୋ ମନର କଥା ମନରେ ଚାପି ରଖିଦେବି ।

ସୁନନ୍ୟାର ବନ୍ଧୁତ୍ୱ ଦିନକୁ ଦିନ ଅତି ନିବିଡ଼ ହେଉଥାଏ, ସେ ଭାରି ଖୋଲା ମିଜାଜ୍‌ର ଝିଅଟିଏ, ତାର ସବୁ କଥାମତେ ଅତି ସ୍ପଷ୍ଟ ଭାବରେ କହିଦିଏ । ସେ ମଧ୍ୟ ତାର ଅତୀତର ପ୍ରେମିକ ଅଭିଷେକ ବିଷୟରେ ସବୁ ମତେ କହିଛି । ଦିନେ ମୁଁ ତାକୁ ପଚାରିଲି ସୁନନ୍ୟା ! ତମକୁ କେମିତି ପୁଅ ଭଲ ଲାଗେ ? ସେ କହିଥିଲା ଗୋଟିଏ ଭଲ ମଣିଷ ଠିକ୍ ଆପଣଙ୍କ ପରି। ତା'ର ମୋ ପ୍ରତି ଗଭୀର ବିଶ୍ୱାସ, ଭଲପାଇବା ମତେ ତା' ଆଡ଼କୁ ଟାଣି ନେଉଥାଏ କିନ୍ତୁ ଡର ଲାଗେ ମୋର ଭିନ୍ନକ୍ଷମ କୁ ନେଇ । ଡର ଲାଗେ ତାକୁ ମୋ ମନର ଭାବନା କହିବା ପାଇଁ। ଚାହିଁଲେ ବି କିଛି କହି ପାରେନା। ମୋ ନିରବତା ଦେଖି ସେ ପୁଣି ପଚାରିଲା କ'ଣ ନୀରବ ରହିଲେ ଯେ ? କିଛି କହିଲେ ନାହିଁ । କିନ୍ତୁ ସେତେବେଳୁ ଆମ ଦୁହିଁଙ୍କର ଆତ୍ମାର ମିଳନ ଆମ ଆଖିରୁ ଝଲ୍‌ସି ଉଠିଥାଏ । ବହୁତ କଷ୍ଟରେ ଡରି ଡରି ତାକୁ ପଚାରିଲି ମୋ ଭିନ୍ନକ୍ଷମରେ ତମର କିଛି ଅସୁବିଧା ନାହିଁ। ସେ ନାଁ କହି ଉଠି ଛିଡ଼ା ହେଲା ଏବଂ ମତେ ଆଲିଙ୍ଗନ କରି ନିର୍ମଳ କଣ୍ଠରେ କାନ୍ଦି ଉଠିଲା, ଶରୀରର ଭିନ୍ନକ୍ଷମରେ ମଣିଷ ଅସମ୍ପୂର୍ଣ୍ଣ ହୁଏନାହିଁ କିନ୍ତୁ ଦୁସ୍ଥ ମାନସିକତାରେ ମଣିଷ ଅସମ୍ପୂର୍ଣ୍ଣ ହୋଇଥାଏ ।

ଏମକେସିଜି ମେଡିକାଲ କଲେଜ
ବ୍ରହ୍ମପୁର

# ଅଦେଖା ସ୍ୱପ୍ନ

**ସୌଦାମିନୀ ଦାସ**

ମା' ମା'.. ଆଜି କସରା ଗାଈ ଫିଟି ଯାଇ ସବୁ ଭାଙ୍ଗି ପକାଇଛି । ହୁଁ ତୁତ ସକାଳ ପାଂଚ ଟାରେ ଉଠିଲେ ସବୁ ଜାଣି ଯିବୁ । ଟିକେସିନା ଆଗରୁ ଉଠିଲେ ତୁ ସିନା ସବୁ ଜାଣନ୍ତୁ । କ'ଣ କରିବି ମା, ଟିକୁ ଭାଇ ପରା ରାତି ସାଢ଼େ ଏଗାରଟା ପରେ ଆସିଲେ ତାଙ୍କ କଥା ବୁଝୁ ବୁଝୁ ରାତି ବାରଟା, ତା'ପରେ ସେ ଶୋଇଲା ପରେ ମୁଁ ଶୋଇଲି ଆଉ ରାତିରେ ଚାରି ଥର ଉଠି ବଡ଼ବାବୁଙ୍କୁ ଟଏଲେଟ୍‌କୁ ନେବା, ସେଇଥି ପାଇଁ ତ ଟିକେ ଡେରି । ଆରେ ଯା, ଯା ତୋ ସାଙ୍ଗରେ ସକାଳ ପହରୁ ମୁହଁ ଲଗାଇବା ପାଇଁ ମୁଁ ଚାହୁଁନି । ଯା, ତାକୁ ବାନ୍ଧି ଦେ ଆଉ ଘର ଆଗଟା ଝାଡୁ କରିଦେ । ଏକଥା ମୀରା ଦେବୀ ପଦିଆକୁ କହିଗଲେ । ଚୁଇଁ ବୋଲି ତାକୁ ସମସ୍ତେ ଡାକନ୍ତି । ପଦିଆ ଅତି ସ୍ନେହରେ ଖଗେଶ୍ୱର ବାବୁଙ୍କ ଘରେ କାମକରେ। ବୟସ ବାର ହେଲେ ବି, ତାର କାମ ସକାଳ ଛଟାରୁ ଆରମ୍ଭ ହେଇ ରାତି ବାରଟାରେ ସରିଥାଏ । ଘରେ ସାତ ପ୍ରାଣୀ କୁଟୁମ୍ବ, ବାବୁ ଓ ମା' ତାଙ୍କର ତିନିଟା ପୁଅ, ତିନି ବୋହୂ ଗୋଟିଏ ଅବିବାହିତ ଝିଅ ଆଉ ବଡ଼ ଝିଅ ତାଙ୍କ ସ୍ୱାମୀ ଓ ବଡ଼ ପୁଅର ଗୋଟିଏ ପୁଅ ଓ ଗୋଟିଏ ଝିଅ ।


ରାତି ଯାଇ ସକାଳ ହୁଏ, ସେଠୀ ବାବୁଙ୍କ ଘରେ ଗୋଟିଏ ନାଁ ପଦିଆ, ପଦିଆ, କିଏ ଡାକେ ପଦ, ଆଉ କିଏ କେତେ କ'ଣ । ସେଠୀ ବାବୁଙ୍କ ଘର କଟକର ଅପର୍ଣ୍ଣାନଗରରେ ଗୋଟିଏ ବଡ଼ଘର ତା ଆଗରେ ବଡ଼ ବଗିଚା ଆଉ ପୁଣି ଗାଈଗୁହାଳ, ଗୋଟିଏ କୁକୁର ଆଉ ଗୋଟିଏ ଶୁଆଙ୍କୁ ନେଇ ତାଙ୍କ ପରିବାର, ସମସ୍ତଙ୍କର କାମ ଗୋଟିଏ କାନ୍ଧ ଉପରେ ଲଦା ହେଇଥାଏ ସେ ହେଲା ପଦିଆ ।

ପଦିଆ ଜନ୍ମରୁ ମାତୃହରା । ବାପା ଦିନମଜୁରିଆ, ଆଉ ସାବତ ମାର ପିଲା ନାହିଁ । ବାପା କେତେ ଭାବିଥିଲେ, ସେ ତାଙ୍କ ପୁଅକୁ ନିଜର ଭାବି ଚଳାଇବ । କିନ୍ତୁ ସେ ତ ତାକୁ କାମରେ ଲଗାଇ ପଇସା ରୋଜଗାର କରି ତାର ସଉକ ପୁରଣ କରିବାରେ ଲାଗି ପଡିଥାଏ । ଦୁନିଆରେ ପଦିଆର ଗୋଟିଏ ସାହା, ପୂଜା, ଯେ କି ପଦିଆର ଦୁଃଖ ବୁଝିପାରେ, କୁନିପିଲାଟି ସେ ସ୍କୁଲରୁ ଆସିଲା ବେଳେ, ଚକୁଲେଟ ଆଣେ, ଘରେ ଯାହା ତା ମା' ଖାଇବାକୁ ଦିଏ, ସେ ତାକୁ ଲୁଚାଇ ଦେଇଥାଏ । ସେ ହେଲା ସେଠୀ ବାବୁଙ୍କର ବଡ଼ପୁଅର ଝିଅ, ଭାରି ସ୍ନେହୀ । ପଦିଆର ସେ ଅତି ଆପଣାର, ସେ ତାକୁ ସବୁ କହିଥାଏ । ପଦିଆ କହେ, ସମସ୍ତେ ମତେ ଚୁଇଁ ଡାକିଲେ ମତେ ଭଲ ଲାଗେନି, ତମ ମା ତମକୁ ଗେହ୍ଲା କଲାବେଳେ, ମୋର ମା କଥା ମନେପଡେ, ମୋର ଭାରି ଇଚ୍ଛାହୁଏ ସ୍କୁଲକୁ ଯିବା ପାଇଁ, ଚାରିଟା ବେଳେ ଖେଳିବା ପାଇଁ, ଆଉ ବଡ଼ଭାଇ ଓ ବାବୁଙ୍କର ମାଡ଼ଗାଳି ମତେ ଭାରି କଷ୍ଟ ଲାଗେ, ମଦପିଇ ବାବୁ ରାତି ଅଧରେ ଆସନ୍ତି, ତାଙ୍କ ପାଇଁ ଗେଟ୍ ଖୋଲିବା ବେଳେ, ସେ ବେଳେ ବେଳେ ରାଗିକରି ଗୋଇଠା ଆଉ ମାଡ ବି ଦେଇଥାନ୍ତି । ପୂଜାର କୋମଳ ହୃଦୟ ପଦିଆର ଦୁଃଖରେ ତରଳି ଯାଏ । ମୋତେ ବି ଦେଖିଲେ ଏ ସବୁ ଭାରି କଷ୍ଟ ହୁଏ। ତାର ପରିବାରର ସବୁ ଲୋକଙ୍କୁ ଘୃଣା କରେ, ଭଗବାନଙ୍କ ପାଖରେ ଗୁହାରିକରେ । ମୁଁ ଭାବେ ଆଜି ପଦିଆର ଜୀବନ ଏପରି କାହିଁକି । ପଦିଆ ପରି ଶହ ଶହ ପିଲା ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି । ତାଙ୍କ ବାପା ମା, ତାଙ୍କର ଜତ୍ନ କାହିଁକି ନେଉ ନାହାଁନ୍ତି । ଏହି କୋମଳ ହୃଦୟର ବିକଳ ଚିତ୍କାର ଭଗବାନ ଶୁଣନ୍ତୁ କି ନଶୁଣନ୍ତୁ କିନ୍ତୁ ମଣିଷ ସମାଜ ପ୍ରତି ଏହା ଗୋଟିଏ ବଡ଼ ଶିକ୍ଷା ।

ହେ କୁଆଡେ ଗଲୁ କିରେ, ଆରେ ତୁ ଏଠି ଅଛୁ । ହଁ ମା, ମୁଁ ପଦିଆ ସଂଗରେ ଖେଳୁଛି । ତତେ କେତେଥର ମନାକରିଥିଲି ଏ ବଦମାସଟା ସାଙ୍ଗରେ ନଖେଳିବା ପାଇଁ । ଆଉ ତୁ ଏଠି ବସି ଖେଳେ, ସିଆଡେ ଘରର ସବୁ କାମ ପଡିଛି। ଯିବୁ ନାଁ ମତେ ଦେଖିବୁ, ଏହା କହି ସେବତୀ ଦେବୀ ପଦିଆର ହାତ ଧରି ଟାଣି ଆଣିଛନ୍ତି । ଲୁହ ଛଳ ଛଳ ଆଖିରେ ପଦିଆ ଧୀରେ ଧୀରେ ତାର ବାସ୍ତବ ଜୀବନକୁ ଫେରି ଯାଇଛି । ଯେଉଁଠି ଅପେକ୍ଷା କରିଛି ଅନେକ ବୋଲ ଆଉ ଡାକ । ଭାବିଛି ଏମିତି ଆଉ କେତେଦିନ, କେତେଦିନ ମୁଁ ଆଉ ମୋ ପରି ଅନେକ ପିଲାଙ୍କର ଭାଗ୍ୟ........ ସକାଳ ପ୍ରହରୁ ରାତି ବାରଟା ପର୍ଯ୍ୟନ୍ତ ଖଟୁଥିବା ପଦିଆ ବା ଚୁଇଁ ପରି ହେବ । ବଂଚିବାକୁ ତ ଦିଅ, ଜାଣିଛି କାମ ନକଲେ ମୋ ଘରେ ଖାଇବାକୁ ପାଇବେ ନାହିଁ । ସମସ୍ତେ ଆମେ ଉପବାସରେ ପଡିବୁ ହେଲେ ମଣିଷକୁ ମଣିଷ ଭଳି ତ ଦେଖ ।

ଏତିକି କହି ଭୋ ଭୋ ହୋଇ କାନ୍ଦି ଉଠିଲା ପଦିଆ ।

ଅଧ୍ୟାପିକା
ମହାନଦୀବିହାର ମହିଳା ମହାବିଦ୍ୟାଳୟ,
କଟକ


ROUT CLASSES
For Mathematics
Only for CBSE
XI & XII Students
Briefly Focus on NCERT Books, R.D. SHARMA, NCERT Exemplar
Highly Personalised & Result Oriented Coaching
Special Classes for JEE Main & JEE Advance
ROUT CLASSES
Bomikhal, BJB Nagar, Satya Nagar (BBSR)
Sector-6, CDA, Arunodaya Nagar (CTC)

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ